## ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

ସାରସକଣା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ପାଣ୍ଡରା ଗ୍ରାମରେ ପାରିବାରିକ କଳହକୁ ନେଇ ସ୍ୱାମୀ ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୯୧/୨୨) ରୁଜୁ କରି ଅଭିଯୁକ୍ତ ସ୍ୱାମୀ କାହ୍ନୁ ସିଂଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ କାହ୍ନୁ ତାଙ୍କ ସ୍ତ୍ରୀ ଅଞ୍ଜଳିଙ୍କ କାନମୁଣ୍ଡାକୁ ଶକ୍ତ ଚାପୁଡ଼ା ମାରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଝାରପୋଖରିଆ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି।

**ସଂକ୍ଷେପରେ**

## ୪୨ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ଦୁଇ ବେପାରୀ ଜେଲ ଗଲେ

**ରୂପସା, ୨୩।୪(ଡି.ଏନ.ଏ.):** ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ବାଇପାସ୍ ପୋଲ ନିକଟରୁ ପୋଲିସ ୨ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାମଚନ୍ଦ୍ରପୁର ଅଞ୍ଚଳର ସେକ ରାସ୍‌କୋ ଏବଂ ସୋମନାଥପୁର ଅଞ୍ଚଳର ପ୍ରଫୁଲ୍ଲ ଦାସ। ଶୁକ୍ରବାର ଏହି ଦୁଇ ବେପାରୀ କରବାରରେ ଲିପ୍ତ ଥିବା ବେଳେ ବସ୍ତା ଥାନା ପୋଲିସ ଅଚାନକ ଚଢ଼ାଉ କରି ସେମାନଙ୍କଠାରୁ ୪୨ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାର ବଜାର ମୂଲ୍ୟ ୪ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୧୦୩/୨୨) ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଦନ୍ତା ଆକ୍ରମଣରେ ବୃଦ୍ଧ ମୃତ

**ଘସିପୁରା/ଆନନ୍ଦପୁର,୨୩। ୪ (ଡି.ଏନ୍.ଏ./ସ୍ୱ.ପ୍ର.):** କେନ୍ଦୁଝର ଜିଲା ଘସିପୁରା ବ୍ଲକ ଦେଓଗାଁ ରେଞ୍ଜ ଅଧୀନ ନୂଆବରିପାଳ ଜଙ୍ଗଲରେ ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକ ହେଲେ ନାରଙ୍ଗପୁର ଗ୍ରାମର ଦୁଃଶାସନ ଜେନା(୬୮)। ଦୁଃଶାସନ ଶନିବାର ସକାଳ ସମୟରେ ନୂଆବରିପାଳ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିଲେ। ହାତୀ ଶବ୍ଦ ଶୁଣି ସେ ସ୍ଥାନ ଛାଡିବାକୁ ଉଦ୍ୟମ କରୁଥିବା ସମୟରେ ଦନ୍ତା ହାବୁଡରେ ପଡିଯାଇଥିଲେ। ଦନ୍ତା ତାଙ୍କୁ ଶୁଣ୍ଢରେ କଚାଡି ଫିଙ୍ଗିଦେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଖବର ପାଇ ବନବିଭାଗ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ମୃତକଙ୍କ ପରିବାରକୁ ତ୍ୱରିତ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି। ମୃତବ୍ୟକ୍ତିଙ୍କର ଶବ ବ୍ୟବଚ୍ଛେଦ କରାଯାଇ ରିପୋର୍ଟ ଆସିବା ପରେ ସରକାରୀ ନିୟମ ଅନୁଯାଇ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଦେଓଗାଁ ରେଞ୍ଜର ସୁରେନ୍ଦ୍ର ନାଥ ହେମ୍ବ୍ରମ ସୂଚନା ଦେଇଛନ୍ତି।

## ବସ୍ ଧକ୍କାରେ ସ୍କୁଟି ଚାଳକ ମୃତ

**ରୂପସା, ୨୩।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ପେଜଗଳା ପୋଲ ନିକଟରେ ଶନିବାର ଏକ ବସ୍ ସ୍କୁଟିକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ସିଂଲା ଥାନା ଜାମଶୂଳୀ ଗ୍ରାମର ଦିଲୀପ ଚନ୍ଦ୍ର ଗିରି (୨୭)। ଶୁକ୍ରବାର ଦିଲୀପଙ୍କ ମଝିଆ ଭାଇଙ୍କ ବିବାହ ଉତ୍ସବ ଥିଲା। ସେ ଶନିବାର ମାର୍କେଟିଂ ପାଇଁ ସ୍କୁଟି ଯୋଗେ ବସ୍ତା ଆସିଥିଲେ। ମାର୍କେଟିଂ ସାରି ଘରକୁ ଫେରୁଥିବା ବେଳେ ପେଜଗଳା ପୋଲଠାରେ ସ୍କୁଟି ପଛପଟୁ ଗାନ୍ଧିଛକରୁ ବାଲିଆପାଳ ଅଭିମୁଖେ ଯାଉଥିବା ଏକ ବସ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସ୍କୁଟି ଚାଳକ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ଘଟାଇ ବସ୍ ଡ୍ରାଇଭର ଫେରାର ହୋଇଯାଇଥିଲେ। ବସ୍ତା ଆଇଆଇସି ସୁବ୍ରତ ବେହେରା ମୃତଦେହ ଜବତ କରି ମେଡିକାଲକୁ ପଠାଇବା ସହ ବସ୍‌କୁ ଜବତ କରିଥିଲେ। ବସ୍ ଡ୍ରାଇଭରଙ୍କ ବେପରୁଆ ଗାଡିଚାଳନା ଯୋଗୁ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦିଲୀପ ହାଇଦ୍ରାବାଦରେ ଏକ ଘରୋଇ କମ୍ପାନୀରେ ଚାକିରୀ କରିଥିଲେ।

## ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

**ପଦ୍ମପୁର, ୨୩।୪ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ରାଜଘରପୋଖରୀଠାରେ ଶୁକ୍ରବାର ଏକ ଗଛରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଜୀବନପୁର ଗ୍ରାମର ମଳୟ ଦାସ। ତାଙ୍କ ବେକରେ ଗାମୁଛା ବନ୍ଧା ହୋଇଥିବା ବେଳେ ଶରୀରରେ କ୍ଷତଚିହ୍ନ ରହିଥିଲା। ପୂର୍ବାହ୍ନରେ ମାର୍କେଟ କମ୍ପ୍ଲେକ୍ସ ନିକଟବର୍ତ୍ତୀ ଉକ୍ତ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଦେଖି ଲୋକେ ନାୟକାଣିଡିହୀ ପୋଲିସକୁ ଖବର ଦେଇଥିଲେ। ନାୟକାଣିଡିହୀ ଥାନା ଏସ୍‌ଆଇ ବନମାଳି ପରିଡ଼ା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଥାନାରେ ଅପମୃତ୍ୟୁ ମାମଲା (ନଂ.୬/୨୨) ରୁଜୁ ହୋଇଛି।

# ଲୁଟେରା ଗ୍ୟାଙ୍ଗ ଠାବ: ୪ ଗିରଫ

**ଭଦ୍ରକ ଅଫିସ, ୨୩।୪**

ଭଦ୍ରକ ଆରଡ଼ି ଛକରେ ଘର ଭଡ଼ା ନେଇ ରହୁଥିବା ଏକ ଲୁଟେରା ଗ୍ୟାଙ୍ଗକୁ ଶନିବାର ଗ୍ରାମାଞ୍ଚଳ ପୋଲିସ ଠାବ କରିଛି। ଗ୍ୟାଙ୍ଗର ୩ ଲୁଟେରାଙ୍କ ସମେତ ୪ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳର ଅନ୍ତର୍ଯ୍ୟାମୀ ନାୟକ, ଦେବାଶିଷ ଦାସ, ହରେକୃଷ୍ଣ ପଣ୍ଡା ଓ ସୁନା ଦୋକାନୀ ଆଦିତ୍ୟ ନନ୍ଦୀ। ସେମାନଙ୍କଠାରୁ ଏକ କାର୍, ଦୁଇଟି ବାଇକ୍, ସୁନା


ପୋଲିସ ସହ ଗିରଫ ୪ ଲୁଟେରା।

ଅଳଙ୍କାର, ନଗଦ ୨୦,୩୦୦ ଟଙ୍କା ସହ ମୋବାଇଲ, ଏଟିଏମ୍ କାର୍ଡ, ବିଭିନ୍ନ ପ୍ରକାର ମାରଣାସ୍ତ୍ର ଜବତ କରାଯାଇଛି। ଗତ ୧୯ ତାରିଖରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଧରିତ୍ରୀନଗର ଅଞ୍ଚଳରେ ଜଣେ ମହିଳା ତାଙ୍କ ପିଲାକୁ ସ୍କୁଲ ନେଇ ଯାଉଥିବା ବେଳେ ସ୍କୁଟିରେ ଆସି ଦୁର୍ବୃତ୍ତ ଛିନ୍‌ତାଇ କରିଥିଲେ। ଏନେଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଛାନ୍‌ଭିନ ଚଳାଇଥିବା ବେଳେ ଶନିବାର ଏମାନଙ୍କୁ ଠାବ କରିଛି। ଏହି ଅଭିଯୁକ୍ତମାନଙ୍କ ନାଁରେ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲାର ବିଭିନ୍ନ ଥାନାରେ ମାମଲା ରହିଥିବା ଭଦ୍ରକ ଏସ୍‌ଡିପିଓ ପ୍ରଭାସ ରଞ୍ଜନ ପାଲ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ରଙ୍ଗିନ ଅଣ୍ଡାକୁ ନେଇ ଚର୍ଚ୍ଚା

**କେନ୍ଦୁଝର, ୨୩।୪ (ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ମୁସଲିମ ବସ୍ତିର ଅଙ୍ଗନୱାଡ଼ି କେନ୍ଦ୍ରରେ ପିଲାଙ୍କୁ ମିଳିଥିବା ଅଣ୍ଡାକୁ ନେଇ ଚର୍ଚ୍ଚାର ବିଷୟ ହୋଇଛି। ଏହି ରଙ୍ଗିନ ଅଣ୍ଡାର ଫଟୋ ମଧ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ପିଲା ମାନଙ୍କୁ ଦିଆଯାଇଥିବା ଅଣ୍ଡା ମଧ୍ୟରୁ ଜଣେ ଶିଶୁଙ୍କୁ ମିଳିଥିବା ଅଣ୍ଡା ଭାଙ୍ଗି ଦେଖି ପରିବାର ଲୋକ ଚକିତ ହୋଇ ପଡିଥିଲେ । ଏହା ଭିତର ରଙ୍ଗିନ ଦେଖାଯାଉଛି । ଅଣ୍ଡାଟି ପଚିଯାଇ ଏଭଳି ଦେଖାଯାଉଥିବା ଆଶଙ୍କା କରାଯାଉଛି। ଏଣୁ ଏହି ଅଣ୍ଡା ସହିତ ବଣ୍ଟନ ହୋଇଥିବା ଅନ୍ୟ



ଅଣ୍ଡା ସବୁର ଯାଞ୍ଚ କରି ପଦକ୍ଷେପ ନେବାକୁ ସ୍ଥାନୀୟ ଅଭିଭାବକ ମାନେ ଦାବି କରିଛନ୍ତି।

# ‘ମାନବ କଲ୍ୟାଣ ଲାଗି ବିଜ୍ଞାନ ବିନିଯୋଗ ହେଉ’

- ଜିଲାସ୍ତରୀୟ ବିଜ୍ଞାନ ମେଳା
- ରାଜ୍ୟସ୍ତରକୁ ୫ ପ୍ରକଳ୍ପ ମନୋନୀତ



**ଜଳେଶ୍ୱର, ୨୩।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଶୁକ୍ରବାର ଜଳେଶ୍ୱର ସରକାରୀ ନୋଡାଲ ହାଇସ୍କୁଲ ପରିସରରେ ଉଦ୍‌ଘାଟିତ ହୋଇଛି । ଶିବିରରେ ୧୨ ବ୍ଲକର ଛାତ୍ରଛାତ୍ରୀ ଭାଗ ନେଇଥିବା ବେଳେ ବିଜ୍ଞାନକୁ ଧ୍ୱଂସାଭିମୁଖୀ ପରିବର୍ତ୍ତେ ମାନବ କଲ୍ୟାଣ ଲାଗି ବିନିଯୋଗ କରିବାକୁ ବକ୍ତାମାନେ ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଚାନ୍ଦିପୁରସ୍ଥିତ ଡିଆର୍‌ଡିଓର ଅତିରିକ୍ତ ନିର୍ଦ୍ଦେଶକ ତଥା ବୈଜ୍ଞାନିକ ହିମାଂଶୁ ଶେଖର ପଣ୍ଡା ଯୋଗଦେଇ ଆଜି ସୁଦ୍ଧା ବିଜ୍ଞାନ ପ୍ରଦତ୍ତ ସୁବିଧାସୁଯୋଗ ଅଧିକ ଗବେଷଣା ହେବା ଉଚିତ୍। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣକୁ ଉଜ୍ଜୀବିତ କରିବା ଲାଗି ଶିକ୍ଷକମାନେ ପ୍ରଚେଷ୍ଟା ଜାରି ରଖିବା ଉଚିତ ବୋଲି କହିଥିଲେ । ମୁଖ୍ୟଅତିଥି ଭାବେ ବିଧାୟକ ଅଶ୍ୱିନୀ ପାତ୍ର ଓଡିଶା ଯୁବ ବୈଜ୍ଞାନିକମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ଜିଲା ବିଜ୍ଞାନ ପରିଦର୍ଶକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରତୀତନୟା ଗିରି, ଜଳେଶ୍ୱର ଓ ଭୋଗରାଇର ଗୋଷ୍ଠୀ ଶିକ୍ଷାଧିକାରୀ ଭଗିରଥି ଗିରି ପ୍ରମୁଖ ଯୋଗଦେଇ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ପରୀକ୍ଷାମୂଳକ ଜ୍ଞାନ ପ୍ରଦାନ କରିବାକୁ କହିଥିଲେ । ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବାଲେଶ୍ୱର ଜିଲାର ୧୨ଟି ବ୍ଲକରୁ ମୋଟ ୯୨ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏଥିରୁ ୫ଟି ପ୍ରକଳ୍ପ ରାଜ୍ୟସ୍ତରକୁ ଯିବ ବୋଲି ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକ ଅଧ୍ୟକ୍ଷତା କରିଥିଲେ।

## କାଠ ଫାଳିଆରେ ମାରି ସ୍ୱାମୀ ଗିରଫ

**ପାଟଣା,୨୩।୪(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଉପାନ୍ତ ଅଞ୍ଚଳ ପଲାଶିଘାଟି ପଞ୍ଚାୟତ ଜାମୁଳେଇବେଡା ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ତାଙ୍କ ସ୍ୱାମୀ କାଠ ଫାଳିଆରେ ପିଟି ହତ୍ୟା କରିଥିବା ଅଭିଯୋଗରେ ଘଟଗାଁ ପୋଲିସ ଶୁକ୍ରବାର ସ୍ୱାମୀ କପିଳ ମୁଣ୍ଡା (୩୨)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ବୁଧବାର ବିଳମ୍ବିତ ରାତିରେ କପିଳଙ୍କ ନିଦ ଭାଙ୍ଗିବା ପରେ ସେ ଦେଖିବାକୁ ପଇଥିଲେ ଯେ ତାଙ୍କ ସ୍ତ୍ରୀ କନକ ବିଛଣା ରେ ନାହିଁ। କିଛି ସମୟ ପରେ କନକ ଫେରିବା ପରେ କପିଳ ଏତେ ରାତିରେ କୁଆଡେ ଯାଇଥିଲୁ ବୋଲି ପଚାରିଥିଲେ। ଏହାର କୋଣସି ସନ୍ତୋଷଜନକ ଉତ୍ତର ସ୍ତ୍ରୀ ଦେଇ ପାରି ନଥିବାରୁ କପିଳ ଉତକ୍ଷିପ୍ତ ହୋଇ ପାଖରେ ଥିବା ଏକ କାଠ ଫାଳିଆରେ ତାଙ୍କ ମୁଣ୍ଡକୁ ପିଟିଥିଲେ। କନକଙ୍କୁ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଗୁରବାର ସକାଳୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଘଟଗାଁ ଥାନାରେ ଏକ ମାମଲା (ନଂ.୮୧/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ପ୍ରତିଭା ସାହୁ କହିଛନ୍ତି।

## ପୃଥକ ସ୍ଥାନରେ ସଡ଼କ ଦୁର୍ଘଟଣା : ୩ମୃତ

**କେନ୍ଦୁଝର, ୨୩।୪ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ପୃଥକ୍ ସ୍ଥାନରେ ସଡ଼କ ଦୁର୍ଘଟଣା ଘଟି ୩ ଜଣଙ୍କର ମୃତ୍ୟୁ ଘଟିଛି। ଟାଉନ ଥାନା ଅଧୀନ ଗୋପିନାଥପୁର ନୂଆଗାଁ ନିକଟରେ ଜାତୀୟ ରାଜପଥ ୨୦ରେ ଶନିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ପୋଲିସ ଆହତଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି। ମୃତକଙ୍କ ନାଁ ମଙ୍ଗଲ ହେମ୍ବ୍ରମ। ତାଙ୍କ ଘର ଝାଡଖଣ୍ଡ ରାଜ୍ୟର ମଝିଗାଁରେ। ଅପରାହ୍ନରେ ଉଭୟ ବାଇକରେ ମଝିଗାଁରୁ ବାହାରି କେନ୍ଦୁଝର ଦେଇ ପାଲଲହଡା ଯାଉଥିବା ବେଳେ ଏକ ଟ୍ରକ୍ ସେମାନଙ୍କ ଉପରେ ଚଢ଼ି ଯାଇଥିଲା। ହେଲ୍‌ମେଟ ପିନ୍ଧିଥିବା ସତ୍ତ୍ୱେ ଗାଡିଟି ମଙ୍ଗଲଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରୁ ଉକ୍ତ ଗାଡ଼ିଟି ଫେରାର ହୋଇଯାଇଛି।

ସେହିପରି ପଣ୍ଡାପଡା ଥାନା ଅନ୍ତର୍ଗତ ନଳପଙ୍ଗା ଛକରେ ଏକ ବାଇକ୍ ଧକ୍କାରେ ଜଣେ ମହିଳା ମୃତ୍ୟୁବରଣ କରିଛନ୍ତି। ହଳଦିଆପଦା ଗ୍ରାମର ଚନ୍ଦ୍ରଭାନୁ ମହାନ୍ତଙ୍କ ସ୍ତ୍ରୀ ଫୁଲମଣୀ ବେହେରା(୩୦) ତାଙ୍କ ଦୁଇ ପୁଅ ସିପୁନ ବେହେରା ଏବଂ ବିକାଶ ବେହେରାଙ୍କ ସହ ଜଙ୍ଗିରା ସାପ୍ତାହିକ ହାଟକୁ ଜିନିଷପତ୍ର କିଣିବା ପାଇଁ ଆସିଥିଲେ। ଜିନିଷପତ୍ର କିଣି ସାରି ଫୁଲମଣୀ ଚାଲି ଚାଲି ଦୁଇ ପୁଅ ସହ ଜଙ୍ଗିରାରୁ ନିଜ ଗାଁ ହଳଦିଆପଦାକୁ ଫେରୁଥିବାବେଳେ ନଳପଙ୍ଗା ଛକ ନିକଟରେ ପଛ ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ଧକ୍କା ଦେଇଥିଲା। ଚିକିତ୍ସାଧୀନ ଅବସ୍ଥାରେ କେନ୍ଦୁଝରରେ ଶୁକ୍ରବାର ରାତି ୧୦ଟାରେ ମୃତ୍ୟୁବରଣ କରିଥିଲେ।ଟାଉନ ଥାନା ଅନ୍ତର୍ଗତ ଗମ୍ଭରିଆ-ବୋଦାପଳସା ରାସ୍ତାରେ ଗତ ଶୁକ୍ରବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦୟାନିଧି ପାତ୍ର।

# ଡ୍ରିଲ୍ ବେଳେ ୩ ଛାତ୍ରୀ ଅଚେତ: ମେଡିକାଲରେ ଭର୍ତ୍ତି

**ସଜନାଗଡ଼, ୨୩।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଜାମୁଡ଼ିଆ ଆଦର୍ଶ ବିଦ୍ୟାଳୟରେ ଶନିବାର ସକାଳେ ଡ୍ରିଲ ଚାଲିଥିବା ବେଳେ ହଠାତ୍ ୧୫ ପିଲା ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କ ମଧ୍ୟରୁ ୩ ଛାତ୍ରୀ ଅଚେତ୍ ହୋଇପଡିଥିଲେ। ସମସ୍ତଙ୍କୁ ଚିକିତ୍ସା ଲାଗି ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ବେଳେ ୩ ଛାତ୍ରୀ ହରପ୍ରିୟା ପାତ୍ର, ଜ୍ୟୋସ୍ନାରାଣୀ ବେହେରା, କବିତା ଜେନା ନୀଳଗିରି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଛାତ୍ରୀଙ୍କ ମଧ୍ୟରୁ ୨ଜଣ ନବମ ଶ୍ରେଣୀ ଓ ଜଣେ ଅଷ୍ଟମ ଶ୍ରେଣୀରେ ବୋଲି ଜଣାପଡ଼ିଛି।

ଏହି ବିଦ୍ୟାଳୟରେ ମୋଟ ୨୨୩ଛାତ୍ରୀଛାତ୍ର ଶିକ୍ଷାଲାଭ କରୁଛନ୍ତି। ଡ୍ରିଲ ସମୟରେ ୨୦୦ ପିଲା ଭାଗ


ମେଡ଼ିକାଲରେ ୩ ଛାତ୍ରୀ।

ନେଇଥିଲେ। ଏ ସମ୍ପର୍କରେ ସ୍କୁଲ ପ୍ରଧାନଶିକ୍ଷକ କରୁଣାକର ପଣ୍ଡା କହିଛନ୍ତି ପିଲାମାନେ ବହୁତ ଦୂରଦୁରାନ୍ତରୁ ଆସି ସକାଳ ୭ଟା ପୂର୍ବରୁ ବିଦ୍ୟାଳୟରେ ପହଞ୍ଚିଥାନ୍ତି। ଛାତ୍ରୀଛାତ୍ର ନ ଖାଇ ଆସୁଥିବାରୁ ପେଟରେ ଗ୍ୟାସ୍ ହୋଇ ଏଭଳି ପରିସ୍ଥିତି ଉପୁଜିଛି। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଖବରପାଇ ତାଙ୍କର ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସଙ୍କୁ ମେଡ଼ିକାଲକୁ ପଠାଇଥିଲେ। ସେହିପରି ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଖବର ଜାଣିବା ପରେ ଶୀଘ୍ର ହଷ୍ଟେଲ ଖୋଲିବାକୁ ଆଦର୍ଶ ବିଦ୍ୟାଳୟର ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଘରୋଇ ହଷ୍ଟେଲର ଖାଦ୍ୟ ଓ ପାରିପାର୍ଶ୍ୱିକ ସ୍ଥିତି ଉପରେ ନଜର ରଖିବା ପାଇଁ କହିଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ଏହି ୩ ଛାତ୍ରୀଙ୍କୁ କିଛି ଟେଷ୍ଟ ପାଇଁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ୪ ମଦ ବେପାରୀ ଗିରଫ

**ପାଟଣା,୨୩।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଅବକାରୀ ବିଭାଗ ଗୁରୁବାର ତୁରୁମୁଙ୍ଗା ଥାନା ଅଞ୍ଚଳ ଓ ଶୁକ୍ରବାର ତୁରୁମୁଙ୍ଗାରେ ଚଢ଼ାଉ କରି ମୋଟ ୮୦ ଲିଟର ମହୁଲି ମଦ ଜବତ କରିଛି। ଏହି ଘଟଣାରେ ୪ ମଦ ବେପାରୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁରୁଁସୁଆଁ ଗ୍ରାମର ଶିବ ମୁଣ୍ଡା, ତୁରୁମୁଙ୍ଗାର ରଞ୍ଜିତ କୁମାର ଦେହୁରୀ, ନୂଆଗାଁର ଚାନ୍ଦମଣୀ ମୁଣ୍ଡା ଓ ବାଉଁଶୁଳିର ସସ୍ମିତା ମୁଣ୍ଡା।

## ବର୍ଜ୍ୟବସ୍ତୁ ଖାଇ ପୁଣି ଗାଈ ମୃତ

**ସଜନାଗଡ଼, ୨୩।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସିର ଦାୟିତ୍ୱହୀନତା ପାଇଁ ଗୋଟିଏ ପରେ ଗୋଟିଏ ଗୋରୁଙ୍କ ମୃତ୍ୟୁ ହେଉଥିବା ଅଭିଯୋଗ ହୋଇଛି। କିଛିମାସ ପୂର୍ବରୁ ଉକ୍ତ ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ଗୋରୁ ବର୍ଜ୍ୟବସ୍ତୁ ଖାଇ ମୃତ୍ୟୁବରଣ କରିଥିଲେ। ଏନଏସି କର୍ତ୍ତୃପକ୍ଷଙ୍କ ଅଣଦେଖା ପାଇଁ ଗୋରୁ ମୃତ୍ୟୁମୁଖରେ ପଡୁଥିବା ସାଧାରଣରେ ଅଭିଯୋଗ ହୋଇଛି। ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ନ ଦେଲେ ଆନ୍ଦୋଳନ କରାଯିବାକୁ ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି। ନୀଳଗିରି ଏନ୍‌ଏସିରେ ପରିବେଶ ସ୍ୱଚ୍ଛତା ଆଣିବା ପାଇଁ ୧୩ ଗୋଟି ୱାର୍ଡ଼ରେ ସଫେଇ କାର୍ଯ୍ୟ କରାଯାଇଥାଏ। ପ୍ରତିଦିନ ୱାର୍ଡ଼ରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ସଂଗ୍ରହ କରାଯାଇ ଟ୍ରାକ୍ଟର ଯୋଗେ ଜାମୁଡ଼ିହା ପଞ୍ଚାୟତ ମଲିଆଣି ଗ୍ରାମର


ମୃତ ଗାଈ।

ମୋରମ ଖାଦାନଠାରେ ପ୍ରଶାସନ ପକ୍ଷରୁ ତିଆରି ହୋଇଥିବା ଗାରବେଜ ମଧ୍ୟରେ ପକାଯାଇଥାଏ। କିନ୍ତୁ ଉକ୍ତ ଗାରବେଜ ଚାରିପାଖରେ ପାଚେରି ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଆଖପାଖ ଗାଁର ଗୋରୁମାନେ ଖାଦ୍ୟ ଅନ୍ୱେଷଣରେ ଏଠାରେ ପଡ଼ିଥିବା ବର୍ଜ୍ୟବସ୍ତୁ ଖାଇ ମୃତ୍ୟୁବରଣ କରୁଛନ୍ତି। ଶୁକ୍ରବାର ପରମାନନ୍ଦ ଦାସଙ୍କ ଗୋଟିଏ ଗୋରୁ ବର୍ଜ୍ୟବସ୍ତୁ ଖାଇ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି।

**ପୁଣି ଏନ୍‌ଜିଟିରେ ମାମଲା**

# ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ ନିର୍ଦ୍ଦେଶ

**ବାରିପଦା ଅଫିସ,୨୩।୪**

ମୟୂରଭଞ୍ଜ ଜିଲା ବୁଢ଼ାବଳଙ୍ଗ ନଦୀରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନକୁ ନେଇ ପୁଣି ବିବାଦ ଘେରରୁ ଆସିଛି ଜିଲା ପ୍ରଶାସନ। ମାସକ ପୂର୍ବରୁ ଦୁଇଟି ବାଲି ସଇରାତକୁ ନେଇ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ରିପୋର୍ଟ ତଲବ କରିଥିବା ବେଳେ ପୁଣି ମହୁପୁରା ବାଲି ସଇରାତରୁ ବେଆଇନ ଉତ୍ତୋଳନ ଓ ପରିବହନକୁ ନେଇ ଏନଜିଟିରେ ମାମଲା ରୁଜୁ ହୋଇଛି। ଏ ନେଇ ବଡ଼ସାହି ବ୍ଲକ ଛେଳିଆ ଗ୍ରାମର ରାଧା ମୋହନ ସିଂଙ୍କ ଅଭିଯୋଗ କ୍ରମେ ମାମଲା (ନଂ.୪୦/୨୦୨୨/ଇଜେଡ୍) ରୁଜୁ ହୋଇଛି। ଜୁଡିସିଆଲ ମେମ୍ବର ଜଷ୍ଟିସ ବି.ଅମିତ ସ୍ଥହଲେକାର ଓ ଏକ୍ସପର୍ଟ ମେମ୍ବର ସାଇବଲ ଦାସଗୁପ୍ତାଙ୍କ ଖଣ୍ଡପୀଠରେ ମାମଲାକୁ ନେଇ ୩ଜଣ ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏ ସଂକ୍ରାନ୍ତରେ ଏକ ୫ଜଣିଆ କମିଟି ଗଠନ କରାଯାଇ ୪ସପ୍ତାହ ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ମୟୂରଭଞ୍ଜ ଜିଲା ପ୍ରଶାସନକୁ ଏନ୍‌ଜିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ବଡ଼ସାହି ତହସିଲ ଅଧୀନ ବୁଢ଼ାବଳଙ୍ଗ ନଦୀର ମହୁପୁରା ବାଲି ସଇରାତକୁ ୨୦୧୬ରୁ ୫ବର୍ଷ ପାଇଁ ଲିଜ୍ ସୂତ୍ରରେ ପ୍ରଦାନ କରାଯାଇଛି। ମହୁପୁରା ସଇରାତରେ ଥିବା ଖାତା ନଂ. ୧୭୫, ପ୍ଲଟନଂ. ୨୫୩ରୁ ୧୩.୭୨ଏକର ସ୍ଥାନରୁ


ପ୍ରୋକଲିନ ମେଶିନରେ ମହୁପୁରା ଘାଟରୁ ବାଲି ଉତ୍ତୋଳନ କରାଯାଉଛି।

**ବେଆଇନ ବାଲି ଉତ୍ତୋଳନ, ପରିବହନ**
- ତଦନ୍ତ କରିବେ ୫ଜଣିଆ ଅଧିକାରୀ

ପ୍ରତିଦିନ ୧୦ସିୟୁଏମ ବାଲି ଉତ୍ତୋଳନ ପାଇଁ ୩୧ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ପରିବେଶ ମଞ୍ଜୁରୀ ମିଳିଥିଲା । ମାତ୍ର ସମୟର ଅବଧି ସମ୍ପୂର୍ଣ୍ଣ ହେବା ପରେ ମଧ୍ୟ ଏକ ବର୍ଷଧରି ବାଲି ଉତ୍ତୋଳନ କରାଯାଉଥିବାରୁ ନିୟମ ଏହା ବର୍ହିଭୂତ ଅଟେ ବୋଲି ଅଭିଯୋଗରେ ଦର୍ଶାଯାଇଛି । ଅପରପକ୍ଷରେ ଏହି ସଇରାତରେ ୩୬ହଜାର ୯୨୭ସିୟୁଏମ ବାଲି ଗଚ୍ଛିତ ଥିବା ବେଳେ ତହସିଲଦାର ଓ ମାଇନିଂ ଅଧିକାରୀ ମାତ୍ର ୨ହଜାର ସିୟୁଏମ ବାଲି ଗଚ୍ଛିତ ଥିବା ରେକର୍ଡରେ ଦର୍ଶାଇଥିଲେ। ୧ ମିଟର ଗଭୀର ହିସାବରେ ବର୍ଷକୁ ୨୨ଶହ ସିୟୁଏମ ବାଲି ଉତ୍ତୋଳନ କରିବାକୁ ଥିବା ବେଳେ ପ୍ରତିଦିନ ପ୍ରୋକଲିନ୍ ମେଶିନ ମାଧ୍ୟମରେ ନଦୀ ଗର୍ଭରୁ ୧୦ମିଟର ଖୋଳାଯାଇ ବେଆଇନ ଭାବେ ୨୦୪୦ସିୟୁଏମ ବାଲି ଉତ୍ତୋଳନ କରାଯାଇଛି। ଏହି କ୍ରମରେ ବର୍ଷକୁ ୪ଲକ୍ଷ ୨୮ହଜାର ସିୟୁଏମ ବାଲି ଖନନ ହେଉଥିବା ବେଳେ ଯାହାକି ଅନୁମତି ସୀମାର ବହୁ ଗୁଣ ଊର୍ଦ୍ଧ୍ୱରେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହା ଦ୍ୱାରା ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହରାଇଥିବା ଆକଳନ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ମେ’୨୩ତାରିଖକୁ ଧାର୍ଯ୍ୟ କରାଯାଇଛି ।

## ବାଲିଘାଟ ନିଲାମକୁ ନେଇ ଆଶଙ୍କା

**ଭୁଲ୍ ସର୍ଭେ ରିପୋର୍ଟ ଦାଖଲ ଅଭିଯୋଗ**

**ବାରିପଦା ଅଫିସ,୨୩।୪**

ମୟୂରଭଞ୍ଜ ଜିଲାରେ ବାଲି ଖନନକୁ ନେଇ ପ୍ରସ୍ତୁତ କରାଯାଇଥିବା ସର୍ଭେ ରିପୋର୍ଟ(ଡିଏସ୍‌ଆର)କୁ ବେଆଇନ ଦର୍ଶାଇ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲରେ ମାମଲା ରୁଜୁ ହୋଇଛି। ବାରିପଦାର ବିଶିଷ୍ଟ ପରିବେଶବିତ୍ ତଥା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିବେକାନନ୍ଦ ପଟ୍ଟନାୟକଙ୍କ ଅଭିଯୋଗକୁ ଭିତ୍ତି କରି ଏହି ମାମଲା (ନଂ.୪୬/୨୨ ଇଜେଡ୍) ରୁଜୁ ହୋଇଛି। ଜୁଡିସିଆଲ ମେମ୍ବର ଜଷ୍ଟିସ ବି.ସ୍ଥହେଲକାର ଓ ଏକ୍ସପର୍ଟ ମେମ୍ବର ସାଇବଲ ଦାସଗୁପ୍ତାଙ୍କ ଖଣ୍ଡପୀଠ ଆସନ୍ତା ୨୬ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ ମୟୂରଭଞ୍ଜ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଲଘୁ ଖଣିଜ ଦ୍ରବ୍ୟର ପରିଚାଳନା ପାଇଁ ୨୦୧୯ରେ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଏହି ରିପୋର୍ଟଟି ଏକ ଅନ୍ତରୀଣ ରିପୋର୍ଟ। ରିପୋର୍ଟ ପ୍ରସ୍ତୁତ ପାଇଁ କୌଣସି ପ୍ରକାର କ୍ଷେତ୍ର ପରିଦର୍ଶନ କରାଯାଇ ନାହିଁ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ବଡ଼ସାହି ତହସିଲ ଅଧୀନ ବୁଢ଼ାବଳଙ୍ଗ ନଦୀର ବାଲି ଘାଟ ନିଲାମ ପାଇଁ ବାହାରିଥିବା ୪ଟି ବାଲି ସଇରାତକୁ ୫ ହେକ୍ଟର କମ୍ କରି ଦିଆଯାଇଛି। ଡିଏସ୍‌ଆର୍‌ରେ ତାହା ୫ ହେକ୍ଟରରୁ ଅଧିକ ରହିଛି। ପ୍ରସ୍ତାବିତ ବାଲି ଘାଟ ମଧ୍ୟରେ ପୋଲ ଥିଲା ବେଳେ ତାହାକୁ ଅଣଦେଖା କରାଯାଇଛି। ଏହି ବିଷୟକୁ ଅନୁଧାନ ନ କରି ରିପୋର୍ଟକୁ ବେପରୁଆ ଭାବେ ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ହୋଇଛି। ଏହା ବ୍ୟତୀତ ପ୍ରସ୍ତୁତ ରିପୋର୍ଟରେ ସହନଶୀଳ ବାଲି ଖନନ ମାର୍ଗଦର୍ଶିକା ୨୦୧୬ ଏବଂ ୨୦୨୦ର ଅନୁପାଳନ କରାଯାଇ ନ ଥିବା ଅଭିଯୋଗ କରାଯାଇଛି। ଉଲ୍ଲେଖଯୋଗ୍ୟ, ବାଲେଶ୍ୱର ଜିଲାର ଏହିଭଳି ଏକ ସର୍ଭେ ରିପୋର୍ଟକୁ ଏନ୍‌ଜିଟି ଅନ୍ତରୀଣ ଦର୍ଶାଇ ପ୍ରସ୍ତାବିତ ଥିବା ବାଲି ଘାଟ ନିଲାମକୁ ବାତିଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଆସନ୍ତା ୨୮ରେ ହେବାକୁ ଥିବା ମୟୂରଭଞ୍ଜ ଜିଲାର ୪ଟି ବାଲି ଘାଟ ନିଲାମ ଆଶା ଆଶଙ୍କାରେ ରହିଛି।

## ନାବାଳିକାଙ୍କୁ ବଳାତ୍କାର: ବୃଦ୍ଧ ଗିରଫ

**ବଡ଼ବିଲ, ୨୩।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ଥାନାଞ୍ଚଳରେ ଅଚେତ ଓ ଉଲଗ୍ନ ଅବସ୍ଥାରେ ଜଣେ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିବାବେଳେ ବଳାତ୍କାର ନେଇ ଏକ ମାମଲା ରୁଜୁ କରି ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଡବିଲ ପୌରାଞ୍ଚଳ ସାଧୁସିଂହ ହଟିଂ ଅଞ୍ଚଳର ୬୭ ବର୍ଷୀୟ କ୍ରିଷ୍ଣା ପ୍ରସାଦ କେଶରୀ। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ଜଣେ ୧୦ ବର୍ଷୀୟ ବାଳିକା ଶୌଚ ହେବାକୁ ନିକଟସ୍ଥ ପଡ଼ିଆକୁ ଯାଇଥିଲେ। ତେବେ ଦୀର୍ଘ ସମୟ ପରେ ମଧ ଘରକୁ ନ ଫେରିବାରୁ ନାବାଳିକାଙ୍କୁ ଘର ଲୋକେ ଖୋଜାଖୋଜି କରିଥିଲେ। ପରେ ତାଙ୍କୁ ଉଲଗ୍ନ ଓ ଅଚେତ ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରିଥିଲେ। ପୀଡ଼ିତାଙ୍କୁ ତୁରନ୍ତ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେହେଁ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ନାବାଳିକାଙ୍କୁ ମାର୍‌ପିଟ କରାଯିବା, ପୋଷାକପତ୍ର ଛିଣ୍ଡାଇ ଉଲଗ୍ନ କରିବା ଓ ବଳାତ୍କାର ହୋଇଥିବା ନେଇ ପରିବାର ପକ୍ଷରୁ ଶନିବାର ଲିଖିତ ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଏକ (ନଂ.୬୬/୨୦୨୨) ମାମଲା ରୁଜୁ କରି ଅଭିଯୁକ୍ତ କ୍ରିଷ୍ଣାଙ୍କୁ ପୋଲିସ ଗିରଫ କରିଛି। ଶନିବାର ଅପରାହ୍ନରେ ଅଭିଯୁକ୍ତଙ୍କୁ କେନ୍ଦୁଝର କୋର୍ଟରେ ହାଜର କାରିବା ନିମନ୍ତେ ପଠାଯାଇଛି। ତେବେ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ବଡ଼ବିଲ ଆଇଆଇସି କହିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର: ଯୁବକ ଗିରଫ

ଖୁଣ୍ଟା,୨୩।୪(ଡି.ଏନ.ଏ.): ଜଣୈକା ବିବାହିତା ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଖୁଣ୍ଟା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ବୀରଭୂମ ଜିଲା ନଲାଟି ଥାନା ଅଧୀନ ଲୁହାପୁର ଗ୍ରାମର ଆତିକୁର ରେହେମାନ। ସେ ଦୀର୍ଘ ଦିନ ହେଲା ରାଜମିସ୍ତ୍ରି ଭାବେ କାର୍ଯ୍ୟ କରି ଆସୁଥିଲେ। ଗତ ୨୦ ତାରିଖରେ ଆତିକୁର ପୀଡ଼ିତାଙ୍କୁ କୌଣସି କାର୍ଯ୍ୟ ପାଇଁ ଏକ ବାଇକ୍ ଯୋଗେ ଉଦଳା ନେଇ ଯାଇଥିବା ବେଳେ ବାଟରେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୦୨/୨୨) ରୁଜୁ ହୋଇଛି।

### ପାଟଣା ରେଞ୍ଜରେ ହାତୀ ଆତଙ୍କ

ପାଟଣା,୨୩।୪(ସ୍ୱ.ପ୍ର.): କିଛି ମାସ ବ୍ୟବଧାନ ପରେ କେନ୍ଦୁଝର ଜିଲା ପାଟଣା ରେଞ୍ଜକୁ ଗୁରୁବାର ବିଳମ୍ବିତ ରାତିରେ ପୁଣି ୧୪ ଟିକିଆ ହାତୀପଲ ପଶି ଆସିଛନ୍ତି। ଘଟଗାଁ ରେଞ୍ଜରୁ ଆସି ଏହି ହାତୀପଲ ପାଟଣା ରେଞ୍ଜର ପୋଇପାଣି ବିଟ୍‌ର ଗୋପପୁର ଗାଁର ଏକ କାଜୁ ବଗିଚାରେ ଡେରା ପକାଇଛନ୍ତି। ଏହି ହାତୀପଲରେ ୬ଟି ମାଈ,୪ଟି ଦନ୍ତା ଓ ୪ ଛୁଆ ହାତୀ ଥିବା ରେଞ୍ଜର ଟିକେଶ୍ୱର ମହାନ୍ତ କହିଛନ୍ତି। ଗାଁ ନିକଟରେ ହାତୀପଲ ଥିବାରୁ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ପକ୍ଷରୁ ହାତୀପଲଙ୍କୁ ଘଉଡ଼ାଇବାକୁ ଉଦ୍ୟମ ଜାରି ରହିଛି।

### ନାବାଳିକା ବଳାତ୍କାର ମାମଲା
### ନାବାଳକଙ୍କୁ ବାଳସୁଧାର ଗୃହ ପଠାଗଲା

**କେନ୍ଦୁଝର, ୨୩।୪ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଉକ୍ତ ଅଞ୍ଚଳର ଜଣେ ନାବାଳକଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ପୋଲିସ କହିବାନୁଯାୟୀ ଉଭୟଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ପ୍ରେମ ସମ୍ପର୍କ ଥିଲା। ବିବାହ ପ୍ରଲୋଭନ ଦେଖାଇ ସେ ନାବାଳିକାଙ୍କ ସହିତ ଶାରିରୀକ ସମ୍ପର୍କ ରଖିଆସୁଥିଲେ। ଗ୍ରହଣ କରିବାକୁ ମନା କରିବାରୁ ପରବର୍ତ୍ତୀ ସମୟରେ ନାବାଳିକା ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୬୮/୨୦୨୨) ରୁଜୁ କରି ଉଭୟଙ୍କ ଡାକ୍ତର ମାଇନା କରିଛି। ପରେ ଶନିବାର ନାବାଳକଙ୍କୁ ରାଉରକେଲା ସ୍ଥିତ ବାଳସୁଧାର ଗୃହକୁ ପଠାଯାଇଥିବା ଥାନା ଅଧିକାରୀ ସସ୍ମିତା ଦେବତା କହିଛନ୍ତି।

### ଦୁର୍ଘଟଣାରେ ଜଳସମ୍ପଦ ବିଭାଗ କର୍ମଚାରୀଙ୍କ ମୃତ୍ୟୁ

ଭଣ୍ଡାରିପୋଖରୀ,୨୩।୪(ଡି.ଏନ.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଜଗନ୍ନାଥପ୍ରସାଦ ଗ୍ରାମ ତଥା ଆଖୁଆପଦା ଜଳସମ୍ପଦ ବିଭାଗ କର୍ମଚାରୀ ପ୍ରମୋଦ କୁମାର ଦାସଙ୍କ ଶୁକ୍ରବାର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସେ ଅପରାହ୍ନରେ ସ୍କୁଟିରେ ସରକାରୀ କାମରେ ଯାଜପୁର ଜଳସମ୍ପଦ ବିଭାଗ ମୁଖ୍ୟ କାର୍ଯ୍ୟାଳୟକୁ ଯାଉଥିଲେ। ବୈତରଣୀ ନଦୀବନ୍ଧର କୋରକରା ଜେନାସାହିଠାରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଯାଜପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରାତିରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଆସିବା ପରେ ସ୍ଥାନୀୟ ସରପଞ୍ଚ ଅକ୍ଷୟ ତ୍ରିପାଠୀ, ଦେବଦାସୀ ଜେନା, ସାମାଜିକ କର୍ମୀ ପର୍ଶୁରାମ ପଣ୍ଡା, ସୌମ୍ୟରଞ୍ଜନ ଜେନା, ଦେବୀପ୍ରସାଦ ଦାସ, ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଜଗନ୍ନାଥପ୍ରସାଦଠାରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

### କାଳବୈଶାଖୀ: ବସ୍‌ଷ୍ଟାଣ୍ଡରେ ଗଛ ଉପୁଡ଼ିଲା

ଯୋଡ଼ା, ୨୩।୪ (ଡି.ଏନ.ଏ.):0କେନ୍ଦୁଝର ଜିଲା ଯୋଡ଼ା ସହରରେ ଗୁରୁବାର ବିଳମ୍ବିତ ରାତିରେ କାଳବୈଶାଖୀ ବର୍ଷାରେ ବସ୍‌ଷ୍ଟାଣ୍ଡରେ ଥିବା ଏକ ବଡ଼ ଆମ୍ବ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଥିଲା। ଯୋଡ଼ା ବସ୍‌ଷ୍ଟାଣ୍ଡରୁ ଧରଣୀଧର ଛକ ପର୍ଯ୍ୟନ୍ତ ଏହି ରାସ୍ତାରେ ଗଛଟି ପଡ଼ି ରହିବାରୁ ଲୋକଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି କରିଥିଲା। ଗଛ ପଡ଼ି ନିକଟରେ ଥିବା ଖବରକାଗଜ ଷ୍ଟଲର ଟେଣ୍ଟ ଭାଙ୍ଗିଯାଇଥିଲା। ଶୁକ୍ରବାର ସକାଳେ ପୌର ଅଧକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧାନ କରିଥିଲେ। ପୌରପାଳିକା ପକ୍ଷରୁ ପୂର୍ବାହ୍ନରେ ଉକ୍ତ ଗଛକୁ କାଟି ରାସ୍ତାରୁ ହଟାଇ ଦିଆଯାଇଥିଲା। ପରେ ଉକ୍ତ ରାସ୍ତା ଦେଇ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଶିକ୍ଷକ ଅଭାବ ନେଇ ବିଦ୍ୟାଳୟରେ ତାଲା

**ଭଣ୍ଡାରିପୋଖରୀ, ୨୩।୪ (ଡି.ଏନ.ଏ.)**

### ଧାରଣା ଦେଲେ ଅଭିଭାବକ



ଝୁଟୁଣା ବିଦ୍ୟାଳୟ ଫାଟକ ଆଗରେ ଧାରଣାରତ ଅଭିଭାବକଙ୍କ ସହ ଛାତ୍ରୀଛାତ୍ର।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଝୁଟୁଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟାକୁ ନେଇ ଶନିବାର ଅଭିଭାବକମାନେ ମୁଖ୍ୟ ଫାଟକରେ ତାଲା ପକାଇବା ସହ ଧାରଣା ଦେଇଥିଲେ। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୬୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ମାତ୍ର ୪ ଜଣ ଶିକ୍ଷକ ଅଛନ୍ତି। ଆବଶ୍ୟକତା ଅନୁଯାୟୀ ଶିକ୍ଷକ ଯୋଗାଇବା ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ ପଦକ୍ଷେପ ନିଆଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଛାତ୍ରୀଛାତ୍ର ଅଭିଭାବକମାନଙ୍କ ସହ ଉପସ୍ଥିତ ରହି ଯଥାଶୀଘ୍ର ଶିକ୍ଷକ ନିଯୁକ୍ତି ଲାଗି ଦାବି କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ସିଆର୍‌ସିସି ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ ଦୁଇଘଣ୍ଟା ଧରି ଧାରଣା ଚାଲିଥିଲା। ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଜଣେ ଅସ୍ଥାୟୀ ଶିକ୍ଷକଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଥିବା ଘୋଷଣା ପରେ ସେମାନେ ଧାରଣାରୁ ଉଠିଥିଲେ। ପରିଚାଳନା କମିଟି ସଭାପତି ନାରାୟଣ ଖୁଣ୍ଟିଆ, ଅଭିଭାବକ ଅଜୟ ଜେନା, ଶିବ ପଣ୍ଡା, ନିରଞ୍ଜନ ଘଡ଼େଇ, ଧନେଶ୍ୱର ବେହେରା, ଭାନୁପ୍ରିୟା ରଣସିଂ, ପାର୍ବତୀ ଜେନା, ସୁକାନ୍ତ ବେହେରା, ସାବିତ୍ରୀ ରାଉତ, ରେଖା ଜେନା ପ୍ରମୁଖ ଏଥିରେ ସାମିଲ ଥିଲେ।

ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମଞ୍ଜୁବାଳା ନାୟକଙ୍କୁ ପଚାରିବାରୁ ଉକ୍ତ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନ ଥିବା ସ୍ୱୀକାର କରିଥିଲେ। ଅଭିଭାବକମାନେ ପୂର୍ବରୁ ଜଣାଇଥିଲେ ସୁଦ୍ଧା ସରକାରଙ୍କ ପକ୍ଷରୁ ଅଧିକ ଶିକ୍ଷକ ନିଯୁକ୍ତି ନ ଥିବାରୁ ଅନେକ ବିଦ୍ୟାଳୟରେ ଏଭଳି ସମସ୍ୟା ଲାଗି ରହିଥିବା ସେ କହିଛନ୍ତି।

# ‘ପୁସ୍ତକ ପ୍ରକୃତ ବନ୍ଧୁ’

**ଭଣ୍ଡାରିପୋଖରୀ, ୨୩।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ପଦିନାରାୟଣପୁରସ୍ଥିତ ପ୍ରାଣକୃଷ୍ଣ ଧଳ ପାଠାଗାର ଆନୁକୂଲ୍ୟରେ ଶନିବାର ବିଶ୍ୱ ପୁସ୍ତକ ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ପୁରୁଷୋତ୍ତମ ଧଳ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବଉଳବେଣୀର ସମ୍ପାଦକ ବୃନ୍ଦାବନ ରାଉଳ, ପ୍ରଫୁଲ୍ଲ ସାହୁ, ଡା. ନିରଞ୍ଜନ ଓଝା, ସନ୍ତୋଷ ସାହୁ, ଘନଶ୍ୟାମ ସ୍ୱାଇଁ, ଭରତ ଚନ୍ଦ୍ର ଦାସ, ମନୋରଞ୍ଜନ ବେହେରା, ପ୍ରଫୁଲ୍ଲ କୁମାର ଉପାଧ୍ୟାୟ ପ୍ରମୁଖ ଯୋଗ ଦେଇଥିଲେ। ଜ୍ଞାନ ଆହରଣ ପାଇଁ ପୁସ୍ତକ ପଠନର ଉପାଦେୟତା ଓ ଆବଶ୍ୟକତା ଉପରେ ଅତିଥିମାନେ ଆଲୋଚନା କରିଥିଲେ। ପୁସ୍ତକ ଜ୍ଞାନର ଭଣ୍ଡାର। ପୁସ୍ତକ ହିଁ ପ୍ରକୃତ ବନ୍ଧୁ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଚଳିତବର୍ଷର ବାର୍ତ୍ତା ଜଣେ ପାଠକ ହେବା ପାଇଁ ଉତ୍ସାହିତ କରିବା ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ପାଠାଗାର ସମ୍ପାଦକ ହିମାଂଶୁ ରାଉତ ଧନ୍ୟବାଦ ଦେଇଥିଲେ।

# ଭାଜପାର ସମୀକ୍ଷା ବୈଠକ

**ଭଦ୍ରକ ଅଫିସ, ୨୩।୪**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ୧୪ ନଂ. ଜୋନ୍‌ରେ ଭାଜପା ପକ୍ଷରୁ ନିକଟରେ ଶେଷ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦଳୀୟ ନେତା ବଦ୍ରିନାରାୟଣ ବଳ ଏଥିରେ ସଭାପତିତ୍ୱ କରିଥିଲେ। ରାଜ୍ୟ ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟା ଅପର୍ଣ୍ଣା ଧିର ସିଂ, ଜୋନ୍ ସଭାପତି ଶିବାନନ୍ଦ ଦାସ ଅଧିକାରୀ, ଜୋନ୍ ପ୍ରଭାରୀ କିଶୋର କିଙ୍କର ପଢ଼ିଆରୀ ପ୍ରମୁଖ ଯୋଗଦେଇ ଜୋନ୍ ଅଧୀନ ୯ ପଞ୍ଚାୟତର ନିର୍ବାଚନ ପରିଚାଳନା ଓ ଦଳୀୟ ପ୍ରାର୍ଥୀମାନଙ୍କୁ ମିଳିଥିବା ଭୋଟ୍ ବିଷୟରେ ସମୀକ୍ଷା କରିଥିଲେ। ଆଗକୁ ପଞ୍ଚାୟତ ୱାର୍ଡ ସ୍ତରରେ ଏହି ସମୀକ୍ଷା କରାଯିବ ବୋଲି କହିଥିଲେ। ରମାକାନ୍ତ ନାୟକ, ରାଜୀବ ଲୋଚନ ରାୟ, ନରୋତ୍ତମ ଦାସ ଓ ଅମୂଲ୍ୟରତ୍ନ ନନ୍ଦ ସହଯୋଗ କରିଥିଲେ। ସମସ୍ତ ପଞ୍ଚାୟତର ପ୍ରତିନିଧି ବୈଠକରେ ଉପସ୍ଥିତ ଥିଲେ।

# ପ୍ରଶାସନ ଦେଉଛି ମିଛ ପ୍ରତିଶ୍ରୁତି

**ଭଦ୍ରକ ଅଫିସ,୨୩।୪**

### କ୍ଷୋଭ ପ୍ରକାଶ କଲା ଚାଷୀ-ମୂଲିଆ ସଂଘ

୨୦୧୪ରୁ ୨୦୨୨ ପର୍ଯ୍ୟନ୍ତ ଭଦ୍ରକ ଜିଲା ପ୍ରଶାସନ ଭୂମିହୀନ ଓ ଘରଡିହ ନ ଥିବା ପରିବାରକୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଆସିଛି। ଚାଷୀ–ମୂଲିଆ ସଂଘର ଭଦ୍ରକ ଜିଲା କମିଟି ପକ୍ଷରୁ ଭୂମିହୀନମାନଙ୍କ ସମସ୍ୟାକୁ ନେଇ ଶୁକ୍ରବାର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ପାଦକ ସୁଶାନ୍ତ ଯେନା ଏହି ଅଭିଯୋଗ ଆଣିଛନ୍ତି। ବାରମ୍ବାର ଜିଲାପାଳଙ୍କ କାର୍ଯ୍ୟାଳୟ ଓ ବିଭିନ୍ନ ତହସିଲ ସମ୍ମୁଖରେ ଧାରଣା ଦେଇ ପ୍ରତିବାଦ ଜଣାଯାଇଥିଲେ ହେଁ ସୁଫଳ ମିଳିପାରୁ ନାହିଁ ବୋଲି ସଂଘ କ୍ଷୋଭ ପ୍ରକାଶ କରିଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରଗତିଶୀଳ ମହିଳା ମଞ୍ଚର ଜିଲା ସମ୍ପାଦିକା ଟୁନିଲତା ଯେନା, ଚାଷୀ–ମୂଲିଆ ସଂଘର ଭଦ୍ରକ ବ୍ଲକ ସଭାପତି ପୂର୍ଣ୍ଣ ସିଂ, ଭଣ୍ଡାରିପୋଖରୀ ବ୍ଲକ ସମ୍ପାଦକ ରତ୍ନାକର ବେହେରା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଧାମରା ବନ୍ଦର କର୍ମଚାରୀ ହେବେ ଇଏସ୍‌ଆଇ ଅନ୍ତର୍ଭୁକ୍ତ

### ସ୍ୱାଗତ କଲା ବିଏମ୍‌ଏସ୍

**ଭଦ୍ରକ ଅଫିସ, ୨୩।୪**

ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ପକ୍ଷରୁ ଭଦ୍ରକ ଜିଲା ଧାମରା ବନ୍ଦରରେ କାର୍ଯ୍ୟ କରୁଥିବା କର୍ମଚାରୀ ଓ ଶ୍ରମିକମାନଙ୍କୁ ଇଏସ୍‌ଆଇ ଅନ୍ତର୍ଭୁକ୍ତ କରାଯିବା ନେଇ ବାରମ୍ବାର ହୋଇ ଆସୁଥିଲା। ରାଜ୍ୟ ସରକାର ଏହି ଦାବିକୁ ବିଚାରକୁ ନେଇ ତୁରନ୍ତ କାର୍ଯ୍ୟକାରୀ ଲାଗି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାଦ୍ୱାରା ପ୍ରତ୍ୟହ ୨ଜଣ ଡାକ୍ତର କର୍ମଚାରୀ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ ବୋଲି ଶ୍ରମ ବିଭାଗର ଚିଠି ସଂଖ୍ୟା–୩୧୦୮, ୧୮।୪।୨୦୨୨ ମାଧ୍ୟମରେ ଅବଗତ କରାଯାଇଛି। ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍)ର ଭଦ୍ରକ ଜିଲା ଶାଖା ପକ୍ଷରୁ ଏହାକୁ ସ୍ୱାଗତ କରାଯିବା ସହ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ବିଏମ୍‌ଏସ୍‌ର ଜିଲା ସଭାପତି ମନୋଜ ବସନ୍ତରାୟ ଓ ସମ୍ପାଦକ ପରେଶ ନାଥ ଧଳ ଏକ ପ୍ରେସ୍ ବିବୃତ୍ତିରେ ଏ ସମ୍ପର୍କରେ ଜଣାଇଛନ୍ତି।

# ବାପ ଝିଅଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି

**ସୋର, ୨୩।୪(ଡି.ଏନ୍.ଏ.)**

ନାବାଳିକା ଅପହରଣ ଉଦ୍ୟମ ଘଟଣାରେ ପୋଲିସର ନିଷ୍କ୍ରିୟତା ବିରୋଧରେ ମାନସିକ ଭାରସାମ୍ୟ ହରାଇ ଶୁକ୍ରବାର ବିଷ ଖାଇଦେଇଥିବା ବାପାଝିଅଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି। ଝିଅକୁ ଏକତରଫା ପ୍ରେମ କରି ଜଣେ ଯୁବକ ହଇରାଣ ହରକତ କରିବା ନେଇ ସୋର ଅଞ୍ଚଳର ଜଣେ ବ୍ୟକ୍ତି ଥାନାର ଆଶ୍ରୟ ନେଇଥିଲେ। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଅସହାୟ ହୋଇ ବାପଝିଅ ବିଷ ପିଇ ଦେଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ଝିଅ ସ୍ୱାସ୍ଥ୍ୟରେ ସୁଧାର ଆସିଥିଲା। ମାତ୍ର ବାପାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା।

# ଟ୍ରକ୍ ଚାଳକ, କର୍ମଚାରୀ ଧସ୍ତାଧସ୍ତି

**ଯୋଡ଼ା, ୨୩।୪(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ୫୨୦ନଂ ଜାତୀୟ ରାଜପଥ କଣ୍ଡରାଠାରେ ଏକ ନୂତନ ଟୋଲ ଗେଟ ଚଳିତ ମାସ ଆରମ୍ଭ ହୋଇଥିବା ବେଳେ ଆରମ୍ଭ ଦିନରୁ ଏଠାରେ ବିବାଦ ଦେଖାଦେଇଛି। ଶୁକ୍ରବାର ଅପରାହ୍ନରେ ଯୋଡ଼ାରୁ ଯାଉଥିବା ଏକ ଟ୍ରକ୍‌ରେ ଟୋଲ ଟିକସଟି ଫ୍ୟାଷ୍ଟ ଟ୍ୟାଗରୁ ଆପେ କଟି ନ ଥିଲା। ଫଳରେ ଏହି ଗେଟରେ ନିୟୋଜିତ ଏକ କର୍ମଚାରୀ ଦୀର୍ଘ ସମୟ ଧରି ଟ୍ରକ୍‌ଟିକୁ ଅଟକ ରଖିବା ସହ ଏକ ମେଶିନ ସାହାଯ୍ୟରେ ତାଙ୍କର ଫାଷ୍ଟ ଟ୍ୟାଗଟିକୁ ସ୍କାନ କରିବାକୁ ଚାହିଁଥିଲେ। ଏହି ସମୟରେ କର୍ମଚାରୀ ଜଣଙ୍କ ଜୋତା ପିନ୍ଧି ଟ୍ରକର ସମ୍ମୁଖ ଭାଗରେ ଜୋତା ପିନ୍ଧି ଚଢ଼ିବାକୁ ଉଦ୍ୟମ କରୁଥିବା ବେଳେ ଚାଳକ ଜଣଙ୍କ ଏହାକୁ ବାରଣ କରି ଖାଲି ପାଦରେ ଚଢ଼ିବାକୁ କହିଥିଲେ। ଏଥିରେ ସମ୍ପୃକ୍ତ କର୍ମଚାରୀ ଜଣଙ୍କ ଉତ୍ୟକ୍ତ ହୋଇ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ଏହି ଟୋଲ ଗେଟରେ ନିୟୋଜିତ ୧୨ରୁ ଊର୍ଦ୍ଧ୍ୱ କର୍ମଚାରୀ ଆସି ସଙ୍ଗବୋଦ୍ଧ ହୋଇ ଲୁହା ରଡ, ଠେଙ୍ଗା ବାଡିରେ ସମ୍ପୃକ୍ତ ଚାଳକ ଏବଂ ହେଲପରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ନିକଟସ୍ଥ ଟୋଲଗେଟ କାର୍ଯ୍ୟାଳୟ ଭିତରକୁ ନେଇ ଚାଳକ ଜଣଙ୍କୁ ଭୁଲ ମାଗିବାକୁ କହିଥିଲେ। ଏ ସମ୍ପର୍କରେ ଅନ୍ୟ ଚାଳକମାନେ ଖବର ପାଇ ଓଡ଼ିଶା ଡ୍ରାଇଭର ସଂଘର କର୍ମକର୍ତ୍ତାମାନେ ଶହ ଶହ ସଂଖ୍ୟାରେ ପହଞ୍ଚି ଏହାର ପ୍ରତିବାଦ କରିଥିଲେ। ଘଟଣାଟି ଉଗ୍ରରୂପ ନେବା ପୂର୍ବରୁ ଯୋଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରିଥିଲା।

# ସର୍ବମଙ୍ଗଳା ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ବାହାନଗା, ୨୩।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ କଲ୍ୟାରୀ ପଞ୍ଚାୟତର ଭିଲା ଗ୍ରାମର ନିକଟସ୍ଥ କାଛିଗଡସ୍ଥିତ ମା’ ସର୍ବମଙ୍ଗଳାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଗୁରୁବାର ମା’ଙ୍କ ପୂଜା ନିମନ୍ତେ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହିତ ଅଧିବାସ ହୋଇଥିଲା। ଶୁକ୍ରବାର ବିଗ୍ରହମାନଙ୍କୁ ସ୍ନାନ ପୂଜାବିଧି ଓ ଯଜ୍ଞ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଶନିବାର ବିଗ୍ରହଙ୍କ ନୂତନ ମନ୍ଦିର ପ୍ରବେଶ ,ଯଜ୍ଞର ପୂର୍ଣ୍ଣାହୂତି ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ଗ୍ରାମର ଅଶ୍ୱିନୀ କୁମାର ଯେନା ଓ ତାଙ୍କ ସ୍ତ୍ରୀ ପୂଜା କାର୍ଯ୍ୟ ତୁଲାଇଥିଲେ। ରବି ନାରାୟଣ ଯେନା, କୌଳାସ ଯେନା ଓ ବଂଶୀଧର ଯେନାଙ୍କ ସମେତ ଗ୍ରାମବାସୀ ପୂଜା ପରିଚାଳନା କରିଥିଲେ।

# ‘ଜୀବନର ଅନ୍ତଃସ୍ୱର ହିଁ କବିତା’



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ବାସୁଦେବପୁର, ୨୩।୪(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବ୍ରାହ୍ମଣଗାଁ ପଞ୍ଚାୟତ ଚଣ୍ଡିଆ ଅଲବଗାସ୍ଥିତ କୃଷ୍ଣଚନ୍ଦ୍ର ସରକାରୀ ଉ.ପ୍ରା. ବିଦ୍ୟାଳୟ ପରିସରରେ ବାଗଦା ବିନାୟକପୁରର ନବଗଠିତ ସାରସ୍ୱତ ସାଧନା ପରିଷଦର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସନାତନୀ ପତ୍ରିକାର ସମ୍ପାଦକ ବିଜୟଲକ୍ଷ୍ମୀ ପଟ୍ଟନାୟକ ଯୋଗଦେଇ ଜୀବନର ଅନ୍ତଃସ୍ୱର ହିଁ କବିତା, କବିତା ଲିଖନ ଓ ପଠନ ମାଧ୍ୟମରେ ସାମାଜିକ ମୂଲ୍ୟବୋଧର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ବରେଣ୍ୟ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସିନେଟ ସଦସ୍ୟ ଇଂ. ଅଭୟ ସୂତାର, ମୁଖ୍ୟବକ୍ତା ଓଡ଼ିଶା ବିଜ୍ଞାନ ଏକାଡେମୀ ସଦସ୍ୟ ଅଧ୍ୟାପକ ନିହାର ରଞ୍ଜନ କର ଓ ଅନ୍ୟତମ ଅତିଥି ଭାବେ ନାଟ୍ୟଶ୍ରୀ ନିର୍ମଳ ରାଉତ ଯୋଗ ଦେଇଥିଲେ। ଉତ୍ସବରେ କବି ବୈକୁଣ୍ଠ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦ ସଭାପତି ଡ. ବସନ୍ତ କୁମାର ଦାସ ସଭାରେ ପୌରୋହିତ୍ୟ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଚାରୁଲତା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଗୀତିକାର ପୀତାମ୍ବର ମିଶ୍ର ମାର୍ଗଦର୍ଶନ ପ୍ରଦାନ ଓ ସମ୍ପାଦକ ଗୟାଧର ଦାସ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ତୃପ୍ତି ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି ସଂଯୋଜନା କରିଥିଲେ। ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଲିଖିତ ‘ପଞ୍ଚସତି ଓ ଅନ୍ୟମାନେ’, ‘ଖାସ୍ ତୁମ ପାଇଁ’ ପୁସ୍ତକ ଉନ୍ମୋଚନ କରାଯାଇଥିଲା।

# ବିଭିନ୍ନ ବିଦ୍ୟାଳୟ ପରିକ୍ରମା କଲା ଶିକ୍ଷା ସଚେତନତା ରଥ

**ଧାମନଗର, ୨୩।୪ (ସ୍ୱ.ପ୍ର.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ବାହାରିଥିବା ଶିକ୍ଷା ସଚେତନତା ରଥ ବିଭିନ୍ନ ବିଦ୍ୟାଳୟ ପରିକ୍ରମା କରି ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଗତ ୧୮ ତାରିଖରୁ ଆରମ୍ଭ ହୋଇ ୫ଦିନ ବ୍ୟାପୀ ଏହି ରଥ ବ୍ଲକର ୧୯ଟି ଆଞ୍ଚଳିକ ସାଧନକେନ୍ଦ୍ର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ ବୁଲିଥିଲା। ଶିକ୍ଷାର ମୌଳିକ ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଅବଗତ କରାଯାଇଥିଲା। ପ୍ରଥମେ ଧାମନଗର ଉଚ୍ଚ ବିଦ୍ୟାଳୟଠାରୁ ଶିକ୍ଷା ସଚେତନତା ରଥକୁ ମଣ୍ଡଳ ଶିକ୍ଷାଧିକାରୀ ଉଦ୍‌ଘାଟନ କରିଥିଲେ। ଶୁକ୍ରବାର ସ୍ଥାନୀୟ ମହେନ୍ଦ୍ର ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ପହଞ୍ଚିବା ପରେ ସଚେତନତା ରଥକୁ ଛାତ୍ରୀଛାତ୍ର ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ରାଜ୍ୟସ୍ତରୀୟ ଜୁନିୟର ଚେସ୍ ଚାମ୍ପିୟନଶିପ

**କେନ୍ଦୁଝର, ୨୩।୪(ଡି.ଏନ.ଏ.)**

କେନ୍ଦୁଝର ଡିମ୍ବୋସ୍ଥିତ କେନ୍ଦୁଝର ଯାନ୍ତ୍ରିକ ବିଦ୍ୟାଳୟ ସଭାଗୃହରେ ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ୍ ବର୍ଗର ଚେସ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଯାନ୍ତ୍ରିକ ବିଦ୍ୟାଳୟର ଅଧ୍ୟକ୍ଷ ଇଂ ମୃତ୍ୟୁଞ୍ଜୟ ନାୟକ ମା’ ତାରିଣୀଙ୍କ ଫଟୋରେ ଦ୍ୱୀପ ପ୍ରଜ୍ୱଳନ କରି ଖେଳକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଓଡିଶା ଚେସ ସଂଘର ସହ ସମ୍ପାଦକ ଏନ୍‌ଆର୍ ସାମଲ, କୋଷାଧ୍ୟକ୍ଷ ଭବେଶ ମହାନ୍ତି, କେନ୍ଦୁଝର ଚେସ ସଂଘର ସଭାପତି ଇଂ ବସନ୍ତ କୁମାର ଦାନୀ, ଉପସଭାପତି ଇଂ ଦେବବ୍ରତ ସ୍ୱାଇଁ, ସମ୍ପାଦକ ଅମର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୯୦ ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ରବିବାର ଏହି ଖେଳ ଉଦ୍‌ଯାପିତ ହେବ। ୪ ଜଣ କୃତକାର୍ଯ୍ୟ ହେବେ ସେମାନେ ଆସନ୍ତା ମେ’ ୯ରେ ଗୁଜୁରାଟର ଅହମ୍ମଦାବାଦଠାରେ ହେବାକୁ ଥିବା ଜାତୀୟସ୍ତରୀୟ ଚେସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ପୁଣି ୯ ସ୍କୁଲ୍ ଗାଡ଼ିକୁ ଜରିମାନା

**ବାରିପଦା ଅଫିସ,୨୩।୪**

ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଘରୋଇ ଶିକ୍ଷାନୁଷ୍ଠାନ ଯାନବାହାନଗୁଡ଼ିକର ଯାଞ୍ଚ ଚାଲିଛି। ଯାଞ୍ଚର ତୃତୀୟ ଦିନରେ ମୟୂରଭଞ୍ଜ ଜିଲାର ୯ଟି ଘରୋଇ ଶିକ୍ଷାନୁଷ୍ଠାନର ଯାନ ଉପରେ ଜରିମାନା କରାଯାଇଛି। ସେଥିମଧ୍ୟରୁ ୩ଟି ବସ୍, ୩ଟି ହାଲୁକା ଯାନ ଓ ୩ଟି ଅଟୋ ରିକ୍‌ସା ରହିଛି। ଏଗୁଡ଼ିକ ମଧ୍ୟରୁ ୬ଟିର ଫିଟନେସ୍ ଅନୁମତି ପତ୍ର ନ ଥିବା ବେଳେ ୪ଟିର ପରମିଟ୍ ଓ ୪ଟିର ବୀମା ଅବଧି ଶେଷ ହୋଇଥିବା ଜଣାପଡ଼ିଛି। ସେହିପରି ୩ଟି ଯାନର ପ୍ରଦୂଷଣ ପ୍ରମାଣପତ୍ର ନ ଥିବା ବେଳେ ଜଣେ ଚାଳକଙ୍କର ଲାଇସେନ୍ସ ନ ଥିବାରୁ ଜରିମାନା କରାଯାଇଛି।

# ଆତ୍ମରକ୍ଷା ପ୍ରଶିକ୍ଷଣ ନେଲେ ୨୦୩ ଛାତ୍ରୀ

**ଘସିପୁରା,୨୩।୪(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଘସିପୁରା ବ୍ଲକ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ୮ଦିନ ଧରି ଅନୁଷ୍ଠିତ ଏହି ଶିବିରରେ ୨୦୩ ଛାତ୍ରୀ ଭାଗ ନେଇଥିଲେ। ଉଦ୍‌ଯାପନୀ ଅବସରରେ ଘସିପୁରା ଯୁବ ବିଜେଡି ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର ଯୋଗଦେଇ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ୍‌ର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜୀବନବିନ୍ଦୁ ଜିଲା ସଂଯୋଜକ ପ୍ରଦୀପ କୁମାର ସାହୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଡ.ଗୋଲକ ବିହାରୀ ଆଚାର୍ଯ୍ୟ ବକ୍ତବ୍ୟ ରଖିଥିଲେ। ପ୍ରାଧ୍ୟାପକ ଅମୂଲ୍ୟ କୁମାର ବିଶ୍ୱାଳ, ଭାବିଲତା ରାଉତ, ପ୍ରଶିକ୍ଷିକା ମିତା ବାରିକ ପ୍ରମୁଖ ଛାତ୍ରୀମାନଙ୍କୁ ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ତିନି ବନ୍ଧର ପୁନରୁଦ୍ଧାର ଲାଗି ପ୍ରୟାସ

**ସଜନାଗଡ଼, ୨୩।୪(ଡି.ଏନ.ଏ.)**

### ନିରୀକ୍ଷଣ କଲେ ଅଧିକାରୀ, ବିଧାୟକ



ତିନି ବନ୍ଧର ପୁନରୁଦ୍ଧାର ଲାଗି ନିରୀକ୍ଷଣ କରାଯାଉଛି।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଗରଡିହି, ତେଲିପାଳ ଓ ଜାମୁଡ଼ିହା ପଞ୍ଚାୟତର ଚାଷୀମାନେ ବହୁଦିନ ଧରି ବାଙ୍ଗିରିବନ୍ଧ, ପୁଟିବନ୍ଧ ଓ ଚୁଡ଼ାଖିଆ ବନ୍ଧର ଉନ୍ନତିକରଣ ପାଇଁ ଦାବି କରିଆସୁଥିଲେ। ପାହାଡ଼ଘେରରେ ଥିବା ନୀଳଗିରି ଅଞ୍ଚଳରେ ବର୍ଷାଜଳ ଅଭାବରୁ ଚାଷକ୍ଷେତ୍ରରେ ଘୋର ଅସୁବିଧା ଉପୁଜୁଛି। ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଏହାର ସମାଧାନ ଲାଗି ଶୁକ୍ରବାର ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ବିଭିନ୍ନ ପଞ୍ଚାୟତରେ ଥିବା ବନ୍ଧଗୁଡ଼ିକର ପୁନରୁଦ୍ଧାର ସହ ଉନ୍ନତୀକରଣ ପାଇଁ କ୍ଷୁଦ୍ରଜଳସେଚନ ବିଭାଗର ପଦସ୍ଥ ଅଧିକାରୀଙ୍କୁ ଡକାଇ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭାଗୀୟ ଅଧିକାରୀମାନେ ନୀଳଗିରି ବିଧାୟକଙ୍କ ସହ ବିଭିନ୍ନ ବନ୍ଧ ଗରଡିହି ଓ ତେଲିପାଳ ପଞ୍ଚାୟତରେ ଥିବା ବାଙ୍ଗିରିବନ୍ଧ ଓ ପୁଟିବନ୍ଧ ପରିଦର୍ଶନ କରିଥିଲେ। ପାରିପାର୍ଶ୍ୱିକ ସ୍ଥିତି ଓ ଶତାଧିକ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ଅଧିକାରୀମାନେ ଏହି ଦୁଇ ବନ୍ଧର ନବୀକରଣ ଲାଗି ସବୁଜ ସଙ୍କେତ ଦେଇଛନ୍ତି। ସେହିପରି ଜାମୁଡ଼ିହା ପଞ୍ଚାୟତରେ ଥିବା ଚୂଡ଼ାଖିଆ ବନ୍ଧର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଥିବା ବେଳେ ବିଭାଗୀୟ ଅଧିକାରୀମାନେ ଏହା ପରିଦର୍ଶନ କରିଥିଲେ । ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଗୁରୁପ୍ରସାଦ ପୃଷ୍ଟି, ଡେପୁଟି ନିର୍ବାହୀଯନ୍ତ୍ରୀ ଅରୁଣ ଦେ ଓ ନିର୍ବାହୀଯନ୍ତ୍ରୀ ସୁରେଶ ଚନ୍ଦ୍ର ଶତପଥୀଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

**ଟ୍ରକ ଧକ୍କାରେ ଦିବ୍ୟାଙ୍ଗ ବ୍ୟବସାୟୀ ମୃତ**

ସୋର, (ଡି.ଏନ୍.ଏ.): ସୋର ଥାନା ଅଧୀନ ଜାତୀୟ ରାଜପଥର ତଳନଗର ଛକଠାରେ ଶୁକ୍ରବାର ଏକ ଟ୍ରକ ଧକ୍କାରେ ଜଣେ ଦିବ୍ୟାଙ୍ଗ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଉତରାପୁର ଗ୍ରାମର ଦିବ୍ୟାଙ୍ଗ ବ୍ୟବସାୟୀ ଶଶାଙ୍କ ଶେଖର ଦାସ। ସେ ନିଜ ବାଇକରେ ବିଭିନ୍ନ ଶୁଖିଲା ଖାଦ୍ୟ ସାମଗ୍ରୀ ନେଇ ସ୍ଥାନୀୟ ଅଞ୍ଚଳର ଦୋକାନୀଙ୍କୁ ଯୋଗାଣ କରିଥାନ୍ତି। ଶୁକ୍ରବାର ଅପରାହ୍ନରେ ସେ ତଳନଗର ବଜାରକୁ ସାମଗ୍ରୀ ନେଇ ବାଇକରେ ଯାଉଥିବା ବେଳେ ଏକ ଥଣ୍ଡା ପାନୀୟ ବୋଝେଇ ଟ୍ରକ ପଛପଟୁ ଧକ୍କା ଦେଇ ଦ୍ରୁତ ବେଗରେ ପଳାଇଯାଇଥିଲା। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ବାଇକ୍ ଚୋରି ଅଭିଯୋଗରେ ଜଣେ ଗିରଫ

**କେନ୍ଦୁଝର, ୨୩।୪ (ସ୍ୱ.ପ୍ର.):** କେନ୍ଦୁଝର ଟାଉନ ପୋଲିସ ମୋଟର ସାଇକେଲ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ମୁରଲି ପ୍ରଧାନ। ତାଙ୍କ ଘର ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ପୂର୍ବ କୋର୍ଟରେ ବୋଲି ଜଣାପଡିଛି। କେନ୍ଦୁଝର ସହର ଗାୟତ୍ରୀ ମନ୍ଦିର ଲେନରେ ରହୁଥିବା ସନ୍ତୋଷ ବେହେରାଙ୍କ ବାଇକ୍ ତାଙ୍କ ଘର ସମ୍ମୁଖରୁ ୨୦୨୧ ମସିହା ନଭେମ୍ବର ୨୪ ତାରିଖରେ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ସେ ଟାଉନଥାନରେ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା (ନଂ ୪୬୪/୨୦୨୧) ରୁଜୁ କରିଥିଲା। ଏହି ଘଟଣାରେ ଅଧିକ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ କ୍ଷଣପ୍ରଭା ନାୟକ ସୂଚନା ଦେଇଛନ୍ତି।

### ଦୁର୍ବୃତ୍ତଙ୍କ ଆକ୍ରମଣରେ ବ୍ୟବସାୟୀ ଗୁରୁତର

**କେନ୍ଦୁଝର, ୨୩।୪ (ସ୍ୱ.ପ୍ର.):** କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମ ନିକଟରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ଗୌରତୋଟା ସାହିର ରାଜେଶ କୁମାର ପଣ୍ଡା ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଗତ ଶୁକ୍ରବାର ରାତିରେ ଗୋବିନ୍ଦପୁର ସ୍ଥିତ ସାହୁ ଭେରାଇଟ ଷ୍ଟୋରକୁ ସାମଗ୍ରୀ ଯୋଗାଣ ପାଇଁ ଯାଇ ଫେରୁଥିବା ବେଳେ ଜଣେ ଯୁବକ ଅନ୍ୟ ୮ ଜଣ ଯୁବକଙ୍କ ସହ ମିଶି ତାଙ୍କୁ ଅଟକାଇ ଠେଙ୍ଗା ଓ କାଚ ବୋତଲରେ ଆକ୍ରମଣ କରି ଲହୁ ଲୁହାଣ କରିବା ସହ ମନିପର୍ସରେ ଥିବା ୧୭ ହଜାର ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ସେମାନଙ୍କ ଆକ୍ରମଣରେ ତାଙ୍କ ସ୍କୁଟି ମଧ ଭାଙ୍ଗିଯାଇଥିବା ଜଣାପଡିଛି। ସ୍ଥାନୀୟ ଲୋକ ଉଦ୍ଧାର କରି ତାଙ୍କ ଘରକୁ ଜଣାଇଥିଲେ। ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

### ଇଞ୍ଜେକସନ୍ ପରେ ମରିଗଲା ଗାଈ

**ଆନନ୍ଦପୁର,୨୩।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ଥାନା କଣ୍ଟିପାଳ କଲୋନୀ ସାହିର ବାଇନ ନାହାକଙ୍କ ଗର୍ଭଣୀ ଗାଈକୁ ୪ ଗୋଟି ଇଞ୍ଜେକସନ୍ ଓ ଦୁଇଟି ପାଣି ଔଷଧ ଦିଆଯିବା ପରେ ଗାଈର ମୃତ୍ୟୁକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଗାଈକୁ ଇଞ୍ଜେକସନ୍ ଦେଇଥିବା ବ୍ୟକ୍ତି ଜଣକ ନକଲି ଡାକ୍ତର ବୋଲି ଅଭିଯୋଗ କରି ଗାଈ ମାଲିକାଣି ଆନନ୍ଦପୁର ଥାନାରେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ଆନନ୍ଦପୁର ଥାନା ପକ୍ଷରୁ ଏକ ମାମଲା (ନଂ ୯୫/୨୦୨୨) ରୁଜୁ କରାଯାଇ ଇଞ୍ଜେକସନ୍ ଦେଇଥିବା ବ୍ୟକ୍ତିଙ୍କୁ ଥାନାକୁ ଅଣାଯାଇ ପଚରାଉଚରା ଜାରି ରହିଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ପ୍ରକାଶ କରିଛନ୍ତି।

### ଗଞ୍ଜେଇ ବେପାରୀ ଗିରଫ

**ବାସୁଦେବପୁର,୨୩।୪ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ବଳିବିନ୍ଧା ଗ୍ରାମର ସୁବାସ ଚନ୍ଦ୍ର ସାମଲ(୫୪)ଙ୍କୁ ଗଞ୍ଜେଇ ବିକ୍ରି କରିବା ଅଭିଯୋଗରେ ଅବକାରୀ ବିଭାଗ ଗିରଫ କରିଛି। ବାସୁଦେବପୁର ବଜାରସ୍ଥିତ ତାଙ୍କର ଏକ ଦୋକାନରୁ ୩ କିଲୋ ଗଞ୍ଜେଇ ଜବତ ହୋଇଛି। ବାସୁଦେବପୁର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଗତ କିଛିଦିନ ଧରି ସୁବାସ ଗଞ୍ଜେଇ କାରବାର କରୁଥିବା ନେଇ ଖବର ପାଇ ଚଢ଼ାଉ କରିଥିଲା ଅବକାରୀ ବିଭାଗ।

### ମହିଳା କଲେଜରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ

**ଯୋଡା, ୨୩।୪ (ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡା ମହିଳା ମହାବିଦ୍ୟାଳୟରେ ୧୬ଦିନ ଧରି ଚାଲିଥିବା ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ ମାନଙ୍କୁ ରାଜ୍ୟ ସରକାରଙ୍କ ଅନୁଦାନରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଡା ପୌରପାଳିକା ଉପାଧକ୍ଷା ସନ୍ଧ୍ୟା ପାତ୍ର, ସମ୍ମାନନୀୟ ଅତିଥି ଭାବେ ଯୋଡ଼ା ଥାନା ସବଇନ୍ସପେକ୍ଟର ବିନିତା ଲାକ୍ରା, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧାପିକା ସବିତା ଖଟୋଇ ଛାତ୍ରୀଛାତ୍ରଙ୍କୁ ଆତ୍ମ ସୁରକ୍ଷାର ଗୁରୁତ୍ୱ ଉପରେ ଆହ୍ୱାନ ଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଟ୍ରେନର ଭାରତୀ ଭଗବତୀ ଓ ରୁବିନା ପରିଡା ଛାତ୍ରୀ ମାନଙ୍କୁ ଅତିଥିଙ୍କ ସମ୍ମୁଖରେ ଆତ୍ମସୁରକ୍ଷାର ଡେମୋ ପ୍ରଦର୍ଶନରେ ସହଯୋଗ କରିଥିଲେ।

# ବିନା ଏଷ୍ଟିମେଟରେ ଚାଲିଛି ପକ୍କାଗୃହ ନିର୍ମାଣ

**ବାରିପଦା ଅଫିସ,୨୩।୪**

ମୟୂରଭଞ୍ଜ ଜିଲା ପୂର୍ତ୍ତବିଭାଗ ଅଧୀନରେ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ମନମୁଖି ଭାବେ ଚାଲିଛି। ବିନା ଏଷ୍ଟିମେଟରେ ଲକ୍ଷ ଲକ୍ଷ ଟଙ୍କାର କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ନିର୍ମାଣାଧିନ ଏକ ଅଫିସ ଗୃହ କାର୍ଯ୍ୟ ବିନା ଟେଣ୍ଡରରେ କରାଯିବା ନେଇ ଅଞ୍ଚଳବାସୀ ରାସ୍ତା ଓ ଗୃହ(ପୂର୍ତ୍ତ) ବିଭାଗ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରା ନ ଗଲେ ଅଗାମୀ ଦିନରେ ଆନ୍ଦୋଳନାତ୍ମକପନ୍ଥା ଅବଲମ୍ବନ କରିବେ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

ବାରିପଦା ସବଡିଭିଜନ-୨ ପୂର୍ତ୍ତ ବିଭାଗ(ରାସ୍ତା ଓ ଗୃହ)ର ଅତିରିକ୍ତ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଦ୍ୱିତୀୟ ମହଲା କାର୍ଯ୍ୟ ଚାଲୁ ରହିଛି। ଅଫିସ କାର୍ଯ୍ୟ


ନିର୍ମାଣାଧୀନ ଅଫିସ ଗୃହ।

ଚାଲୁଥିବା ବିଲ୍ଡିଂ ଉପରେ ନୂତନ ଭାବେ ଅନ୍ୟ ଏକ ଗୃହ ନିର୍ମାଣ କରାଯାଉଥିବା ବେଳେ କାର୍ଯ୍ୟର ବିବିରଣୀ ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ। ଅଫିସର ଓ ଠିକାଦାରଙ୍କ ସଲାସୁତୁରାକୁ ନେଇ ବିଭାଗ ଦ୍ୱାରା ବିଭିନ୍ନ କାର୍ଯ୍ୟ ବିନା ଟେଣ୍ଡରରେ କରାଯାଉଥିବା ବେଳେ କାର୍ଯ୍ୟର ମାନକୁ ଠିକ୍ ଭାବେ ପରୀକ୍ଷା ନୀରିକ୍ଷା କରାଯାଉ ନାହିଁ। ଏପରିକି ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟକୁ ଟେଣ୍ଡର ମାଧମରେ କରାଯିବା ସହ ଟେଣ୍ଡର ଆହ୍ୱାନ କରିବା ପାଇଁ ନୋଟିସ ମଧ ଜାରି କରାଯାଇ ନାହିଁ। ଫଳରେ ପୂର୍ତ୍ତ ବିଭାଗ ଏବେ ଦୁହାଁଳିଆ ଗାଈ ସଦୃଶ ପାଲଟିଛି।

**ଉଚ୍ଚସ୍ତରୀୟ ତଦନ୍ତ ଦାବି**

ସେହିପରି ଜିଲାରେ ନିର୍ମାଣ ହେଉଥିବା ରାସ୍ତା ଓ ଗୃହଗୁଡ଼ିକ ଅତ୍ୟନ୍ତ ନିମ୍ନମାନର କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଏ ସମ୍ପର୍କରେ ସହକାରୀ ନିର୍ବାହୀଯନ୍ତ୍ରୀ ଗୌରୀ ଚରଣ ଗିରିଙ୍କୁ ପଚାରିବାରୁ ରିପାୟାରିଂ ପାଣ୍ଠିରୁ ନୂତନ ଗୃହ ନିର୍ମାଣ କରାଯାଉଛି। ପାଣ୍ଠିରେ ଥିବା ଟଙ୍କାକୁ ନେଇ କାର୍ଯ୍ୟ କରାଯାଉଥିବା ବେଳେ କୌଣସି ଏଷ୍ଟିମେଣ୍ଟ କରାଯାଇ ନାହିଁ। ଟଙ୍କା ସରିଗଲେ କାର୍ଯ୍ୟ ବନ୍ଦ ରହିବ,ଟଙ୍କା ଆସିଲେ କାର୍ଯ୍ୟ ଚାଲୁ ରହିବ ବୋଲି କହିଛନ୍ତି। ତେବେ ନୂତନ କାର୍ଯ୍ୟଗୁଡ଼ିକ ବିନା ଏଷ୍ଟିମେଟରେ କିପରି କରାଯାଉଛି ଓ ଏଥିରେ କାହାର ସ୍ୱାର୍ଥ ଲୁଚି ରହିଛି ତାହା ତଦନ୍ତ ସାପେକ୍ଷ।

# ଖୋଲିଲା ବ୍ୟାଟେରି ଚାଳିତ ଡେଲଟିକ୍ ସ୍କୁଟର ଶୋରୁମ୍



**ପଦ୍ମପୁର, ୨୩।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବିଦେଇପୁର ବଜାରଠାରେ ଗୁରୁବାର ଡେଲଟିକ୍ କମ୍ପାନୀର ବ୍ୟାଟେରି ଚାଳିତ ସ୍କୁଟର ଶୋରୁମ୍ ଖୋଲିଛି। ଏହି ଗାଡ଼ି ବ୍ୟାଟେରି ଚାଳିତ ହୋଇଥିବାରୁ ବାୟୁ ଓ ଶବ୍ଦ ପ୍ରଦୂଷଣ ବିନା ଚାଲିବା ସହ ଆଗାମୀ ଦିନରେ ଇନ୍ଧନ ସମସ୍ୟାକୁ ଦୂର କରିବ ବୋଲି ଶୋରୁମ୍‌ର ମାଲିକ କଳ୍ପନା ମହାପାତ୍ର କହିଛନ୍ତି। ଯୁବବର୍ଗଙ୍କ ପାଇଁ ଏହି ଗାଡ଼ି ଆସନ୍ତା ୨୪ ତାରିଖଠାରୁ ମାସିକ କିସ୍ତିରେ ମଧ ଉପଲବ୍ଧ ହୋଇପାରିବ। ଶୋରୁମ୍ ଉଦ୍‌ଘାଟନ ଅବସରରେ ଅତିଥି ଭାବେ ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ଯଦୁନାଥ ନାୟକ, ଖବରଦାତା ରମାକାନ୍ତ ଡାଙ୍ଗୁଆ ପ୍ରମୁଖ ଯୋଗ ଦେଇଥିଲେ।

# ବିଦ୍ୟୁତ୍ ଅଫିସ ସମ୍ମୁଖରେ ବିକ୍ଷୋଭ

**ବନ୍ତ/ଚାନ୍ଦବାଲି,୨୩।୪(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ଓ ଚାନ୍ଦବାଲିରେ ଶୁକ୍ରବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିଦ୍ୟୁତ୍ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବନ୍ତ ସ୍ଥିତ ବିଦ୍ୟୁତ୍ ଅଫିସ ଆଗରେ ସିପିଆଇ ଜୋନ୍ କମିଟି ପକ୍ଷରୁ ଉପଭୋକ୍ତାଙ୍କଠାରୁ ଜୋରଜବରଦସ୍ତ ବିଲ୍ ଆଦାୟ, ବିନା ନୋଟିସରେ ବିଦ୍ୟୁତ୍ ସଂଯୋଗ କାଟିଦେବା, ତ୍ରୁଟିପୂର୍ଣ୍ଣ ବିଲ୍ ଲଗାଇ ଉପଭୋକ୍ତାଙ୍କୁ ଶୋଷଣ ଆଦିର ପ୍ରତିବାଦ କରାଯାଇଥିଲା। ଏଥିସହ ରାଜ୍ୟ ସରକାର ପ୍ରତି ପରିବାରକୁ ମାଗଣାରେ ମାସକୁ ୨ଶହ ୟୁନିଟ୍ ବିଦ୍ୟୁତ୍ ଯୋଗାଇ ଦେବାକୁ ଦାବି ହୋଇଛି। ଥାନା ଛକସ୍ଥିତ ସିପିଆଇ କାର୍ଯ୍ୟାଳୟଠାରୁ ସାଥୀ ସମର୍ଥକମାନେ ଶୋଭାଯାତ୍ରାରେ ବାହାରି ବିଦ୍ୟୁତ୍ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ବରିଷ୍ଠ ନେତା ଗୋପବନ୍ଧୁ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଜୋନ୍ ସମ୍ପାଦକ ରମେଶ ଜେନା, ପୂର୍ବତନ ବ୍ଲକ ଉପାଧକ୍ଷ ଫକୀର ଚରଣ ବିଶ୍ୱାଳ, ସମିତିସଭ୍ୟ ପରମେଶ୍ୱର ବାରିକ, ସରପଞ୍ଚ ସଂଗ୍ରାମ କେଶରୀ ଜେନା, ଅରବିନ୍ଦ ବିଶ୍ୱାଳ, ରମାକାନ୍ତ ସାହୁ, ଦିଲୀପ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସହକାରୀ ପରିଚାଳକ ମନୋରଞ୍ଜନ ପଣ୍ଡାଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ନିରଞ୍ଜନ ନାୟକ, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ଜେନା, କିଶୋର ବେହେରା, ପର୍ଶୁରାମ ସ୍ୱାଇଁ, ଦୁଲ୍ଲା ଖାଁ, ଜୟନ୍ତ ଜେନା, ରବୀନ୍ଦ୍ର ସେଠୀ ବିକ୍ଷୋଭରେ ସାମିଲ ଥିଲେ। ସେହିପରି ଚାନ୍ଦବାଲିରେ ଦଳୀୟ କର୍ମୀମାନେ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିବା ପରେ ବିଦ୍ୟୁତ୍ ବିଭାଗ ଅଫିସ୍‌ରେ ପହଞ୍ଚିଥିଲେ। ବିଜୁଳି ଦର ବୃଦ୍ଧି ଓ ଘରୋଇକରଣକୁ ବିରୋଧ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ସଞ୍ଜୟ ଓଝା, ଜୋନ୍ ସମ୍ପାଦକ ଅନନ୍ତ ପ୍ରସାଦ ମହାନ୍ତି, ବରିଷ୍ଠ ନେତା ବଳରାମ ମିଶ୍ର, ଭାଗୀରଥି ନାୟକ, ଜୟ ପ୍ରକାଶ ମହାନ୍ତି, ଗୌରହରି ମିଶ୍ର, ଗଦାଧର ପଣ୍ଡା ନେତୃତ୍ୱ ନେଇଥିଲେ।

# ମହିଳା ଡାକ୍ତରଙ୍କୁ ଦୁର୍ବ୍ୟବହାର: ଜଣେ ଗିରଫ

**ଯୋଡ଼ା,୨୩।୪(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ କମାରଯୋଡ଼ା ସରକାରୀ ଡାକ୍ତରଖାନାର ଜଣେ ମହିଳା ଡାକ୍ତରଙ୍କୁ ଦୁର୍ବ୍ୟବହାର କରିଥିବାରୁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଶୁକ୍ରବାର ଅପରାହ୍ନ ପ୍ରାୟ ସାଢ଼େ ୧୨ଟାରେ କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜଣେ ମହିଳା ଡାକ୍ତର ରୋଗୀ ଚିକିତ୍ସା କରୁଥିବା ବେଳେ ଆଜାଦ ବସ୍ତିରେ ରହୁଥିବା ସୁଶାନ୍ତ କର ଓରଫ୍ ପୁତୁ ତାଙ୍କ ଚାମ୍ବର ଭିତରକୁ ପଶିଯାଇଥିଲେ। ଜଣେ ରୋଗୀର ମ୍ୟାଲେରିଆ ଓ ଟାଇଫଏଡ ଟେଷ୍ଟର ରିପୋର୍ଟ ମାଗିଥିଲେ ଯାହାକି ଦୁଇ ଦିନ ପୂର୍ବେ ଉକ୍ତ ଡାକ୍ତର ସମ୍ପୃକ୍ତ ରୋଗୀଙ୍କୁ ଦେଇଦେଇଥିଲେ। ତେବେ ଏହାକୁ କେନ୍ଦ୍ର କରି ଅଭିଯୁକ୍ତ ପୁତୁ କର ଡାକ୍ତରଙ୍କୁ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିଲେ। ଏ ନେଇ ଉକ୍ତ ଡାକ୍ତର ଯୋଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା (ନଂ. ୭୩/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

# ଶିକାରୀଙ୍କ ଗୁଳିରେ ସବୁଜ ବାହିନୀ କର୍ମଚାରୀ ଗୁରୁତର

**ବାରିପଦା ଅଫିସ/ଖୁଣ୍ଟା/ଉଦଳା, ୨୩।୪(ଡି.ଏନ୍.ଏ.)**


ଆହତ ସୁନାରାମ ସିଂ।

ମୟୂରଭଞ୍ଜ ଜିଲା ଡୁକୁରା ବନ୍ୟପ୍ରାଣୀ ରେଞ୍ଜ ଅଧୀନ ତଥା ଶିମିଳିପାଳ ଅଭୟାରଣ୍ୟର ଭଞ୍ଜବସା ଅଞ୍ଚଳରେ ଗୁରୁବାର ଶିକାରୀଙ୍କ ଗୁଳିରେ ଜଣେ ସବୁଜବାହିନୀ କର୍ମଚାରୀ ଗୁରୁତର ହୋଇଛନ୍ତି। ସେ ହେଲେ ସୁନାରାମ ସିଂ। ବିଭିନ୍ନ ଅଞ୍ଚଳରେ ଜଙ୍ଗଲରେ ନିଆଁ ଲଗାଇ ଦିଆଯାଉଥିବାରୁ ୫ ବନ କର୍ମଚାରୀଙ୍କ ସମେତ ସବୁଜ ବାହିନୀ କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ଶିକାରୀଙ୍କ ସହ ମୁହାଁମୁହିଁ ହେବାରୁ ଏହି ଘଟଣା ଘଟିଥିଲା। ଧରାପଡ଼ି ଯିବା ଭୟରେ ଶିକାରୀମାନେ ବନ କର୍ମଚାରୀଙ୍କ ଉପରକୁ ଦେଶୀ ବନ୍ଧୁକ ସାହାଯ୍ୟରେ ଆଖିବୁଜା ଗୁଳି ଚଳାଇଥିଲେ। ପାଟ୍ରୋଲିଂରେ ଥିବା ସବୁଜ ବାହିନୀ କର୍ମଚାରୀ ସୁନାରାମଙ୍କ ଦୁଇ ଜଙ୍ଘରେ ୩ରୁ ଅଧିକ ଗୁଳି ବାଜିଥିବା ବେଳେ ଶିକାରୀମାନେ ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ବନ କର୍ମଚାରୀମାନେ ଆହତ ସୁନାରାମଙ୍କୁ ଉଦ୍ଧାର କରି ପ୍ରଥମେ ଉଦଳା ଓ ପରେ ବାରିପଦା ସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ। ଫେରାର ହୋଇ ଯାଇଥିବା ଶିକାରୀମାନେ ୨ଟି କୁଟାରୀ ଶିକାର କରିଥିବା ବନକର୍ମଚାରୀ କହିଛନ୍ତି। ଏ ସଂକ୍ରାନ୍ତରେ ବନବିଭାଗ ପକ୍ଷରୁ ଉଦଳା ଥାନାରେ ଏତଲା ଦିଆଯାଇଥିବା ଡୁକୁରା ରେଞ୍ଜ ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

# ନୀଳକଣ୍ଠେଶ୍ୱର ପାଟ ଉତ୍ସବରେ ୩୦ହଜାର ଶ୍ରଦ୍ଧାଳୁ

**ଭୋଗରାଇ, ୨୩।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଚୌକି ଗ୍ରାମସ୍ଥିତ ନୀଳକଣ୍ଠେଶ୍ୱର ମହାଦେବଙ୍କ ପାଟ ଉତ୍ସବ ଶୁକ୍ରବାର ଶେଷ ହୋଇଛି। ମହାଦେବଙ୍କଠାରେ ୧୧ଦିନ ଧରି ସ୍ଥାନୀୟ ଆଖପାଖ ଗ୍ରାମର ଶତାଧିକ ଉପବୀତଧାରୀ ଭକ୍ତ ୨୪ଘଣ୍ଟାରେ ଜୀଉଙ୍କ ଅର୍ଘ୍ୟପିଣ୍ଡରେ ଅର୍ଘ୍ୟଦାନ କରି ହବିଷ ପାଳନ କରି ଆସୁଥିଲେ। ଶୈବଭକ୍ତଙ୍କ ଦ୍ୱାରା ଗ୍ରାମ ଆଲମପୁଜା, କେବଡ଼ା ନୃତ୍ୟ ଧର୍ମୀୟ ଭାବଧାରାକୁ ଉଜ୍ଜୀବିତ କରିଥିବା ବେଳେ ଜୀଉଙ୍କ ନୀଳ ପର୍ବରେ ଶ୍ରଦ୍ଧାଳୁମାନେ ସମବେତ ହୋଇ ମହାଦେବଙ୍କଠାରେ ପୂଜାର୍ଚ୍ଚନା କରିଥିଲେ। କେତେକ ମାନସିକ ଶୈବଭକ୍ତ ନିଜ ଶରୀରରେ ସହସ୍ରାଧିକ କଣ୍ଟାଫୋଡ଼ି ଭଗବାନଙ୍କଠାରେ କୃଚ୍ଛ ସାଧନା କରିଥିଲେ। ବନାବସାଣସ୍ଥିତ ଜୀଉଙ୍କ ହାକାଣ୍ଡ ପୋଖରୀରୁ ଶୈବଭକ୍ତମାନେ ମାଳା ଚନ୍ଦନରେ ଭୂଷିତ ହୋଇ ଢ଼ାକଢ଼ୋଲ, ସାହାନାଇ ବାଦ୍ୟ ତାଳେତାଳେ ଶିବଦୁର୍ଗା ଘଟକୁ ନେଇ ମନ୍ଦିର ବିଜେ କରିଥିଲେ। ଡିଜେ ଶବ୍ଦର ଗୁରୁ ଗର୍ଜନରେ ସ୍ଥାନ ଥରୁଥିବା ବେଳେ ପ୍ରଶାସନ ଓ ପୋଲିସ ଉପସ୍ଥିତ ରହି ମଜା ଦେଖୁଥିବାରୁ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଦୁଇବର୍ଷ ଧରି କରୋନା ଭୟାବହତା ଯୋଗୁ ପାଟ ଉତ୍ସବ ହୋଇପାରି ନ ଥିବା ବେଳେ ଚଳିତବର୍ଷ ଏହି ମହାମାରୀ ସଂକ୍ରମଣ ନ ଥିବାରୁ ଓଡ଼ିଶା ଏବଂ ସୀମାନ୍ତ ପଶ୍ଚିମବଙ୍ଗରୁ ୩୦ହଜାରରୁ ଉର୍ଦ୍ଧ୍ୱ ଯାତ୍ରୀ ସମାଗମ ହୋଇଥିଲା। ଚଡ଼କ ମେଳା ଓ ଗ୍ରାମ୍ୟ କମିଟି ମେଳା ପରିଚାଳନା କରିଥିଲେ।

# ଥାନାରେ ଆତ୍ମସମର୍ପଣ କଲେ ସ୍ୱାମୀ

**ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

**ବାସୁଦେବପୁର,୨୩।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କିଷ୍ଣତକୃଷ୍ଣପୁର ଗ୍ରାମର ତପସ୍ୱିନୀ ସାହୁ ନାମ୍ନୀ ମହିଳାଙ୍କର ଗତ ବୁଧବାର ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ସ୍ୱାମୀ ସଞ୍ଜୀବ ରାଉତ ତପସ୍ୱିନୀଙ୍କ ମୃତଦେହକୁ ଡାକ୍ତରଖାନାରେ ଛାଡ଼ି ଫେରାର ହୋଇଯାଇଥିଲେ। ୩ ଦିନ ପରେ ଶନିବାର ସେ ବାସୁଦେବପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତପସ୍ୱିନୀଙ୍କ ମୃତ୍ୟୁର ରହସ୍ୟ ପଦାକୁ ଆସିବ ବୋଲି ଆଇଆଇସି ଅମିତ୍ କୁମାର ଭୂୟାଁ କହିଛନ୍ତି।

ସୂଚନାଯୋଗ୍ୟ, ଅଧିକ ଯୌତୁକ ପାଇଁ ଓ ଭିଣୋଇ ସଞ୍ଜୀବଙ୍କର ଅନ୍ୟ ଜଣେ ଯୁବତୀଙ୍କ ସହ ପ୍ରେମସମ୍ପର୍କ ଥିବାରୁ ତାଙ୍କ ଭଉଣୀଙ୍କୁ ହତ୍ୟା କରାଯାଇଥିବା ମୃତ ତପସ୍ୱିନୀଙ୍କ ଭାଇ ବିଶ୍ୱନାଥ ସାହୁ ବାସୁଦେବପୁର ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ବଧୂହତ୍ୟା ମାମଲା (ନଂ.୧୬୬/୨୨) ରୁଜୁ କରାଯାଇଛି।

# ୩ଶହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ବାଲେଶ୍ୱର ଅଫିସ, ୨୩।୪**

ବାଲେଶ୍ୱର ରୋଟାରୀ କ୍ଲବ ଓ ଭୁବନେଶ୍ୱର କେୟାର ହସ୍‌ପିଟାଲର ମିଳିତ ଉଦ୍ୟମରେ ସ୍ଥାନୀୟ ରୋଟାରୀ ଭବନ ପରିସରରେ ଶନିବାର ଏକ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ମେଡ଼ିକାଲ କଲେଜ ଡିନ୍ ଓ ଅଧକ୍ଷ ପ୍ରଫେସର ଡା. ରାମଚନ୍ଦ୍ର ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିର ପ୍ରକଳ୍ପ ଅଧକ୍ଷ ରୋଟାରିୟାନ ଦେବେନ୍ଦ୍ର କୁମାର ଧଳ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। କ୍ଲବ ସଭାପତି ରୋଟାରିଆନ ଡ. ରାଜଲକ୍ଷ୍ମୀ ଯତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କ୍ଲବର ବରିଷ୍ଠ ସଦସ୍ୟ ସୁବ୍ରତ କୁମାର କର ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ କେୟାର



ଶିବିରରେ ମଞ୍ଚାସୀନ ଅତିଥିଗଣ।

ହସ୍‌ପିଟାଲର ସାଧାରଣ ପରିଚାଳକ ଲୋକନାଥ ଦାଶ ଯୋଗଦେଇଥିଲେ।

କେୟାର ସୁପର ସ୍ପେଶିଆଲିଟି ହସ୍‌ପିଟାଲର ସ୍ନାୟୁରୋଗ ବିଶେଷଜ୍ଞ ଡା. ଦୀପକ କୁମାର ପରିଡ଼ା, ମୂତ୍ରଶଲ୍ୟ ବିଭାଗର ଡା. ପବିତ୍ର କୁମାର ମିଶ୍ର, ହୃଦ୍‌ରୋଗ ବିଶେଷଜ୍ଞ ଡା. ବିକ୍ରମ କେଶରୀ ମହାପାତ୍ର, କର୍କଟ ରୋଗ ବିଶେଷଜ୍ଞ ଡା. ସଞ୍ଜୀବ କୁମାର ମିଶ୍ର ପ୍ରମୁଖ ୩ଶହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ନିଦାନ ବ୍ୟବସ୍ଥା କରାଯାଇଥିଲା। କେୟାର ଅନୁଷ୍ଠାନ ତରଫରୁ ତାପସ କୁମାର ଦାସ, ଦୀପକ ଚୌଧୁରୀ ଓ ରୋଟାରୀ କ୍ଲବର ସଦସ୍ୟ ରୋଟାରିଆନ ପଦାରବିନ୍ଦ ମହାପାତ୍ର, ସୌରଭ ବେହେରା, ପ୍ରଭଞ୍ଜନ ପାଢ଼ୀ, ବିକ୍ରମଜିତ୍ କର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ରୋଟାରୀ କ୍ଲବର ସମ୍ପାଦକ ପ୍ରଦୀପ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

Central Mine Planning & Design Institute Ltd.
( A Subsidiary of Coal India Limited)
Gondwana place, Kanke Road, Ranchi - 834 031, JHARKHAND,India

NOTICE

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/ respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM portal https://gem.gov.in."

Odisha Mining Corporation Ltd.
(A Gold Category State PSU)
Registered Office : OMC House, Bhubaneswar – 751001, India
Tel: 0674-2377400/2377401, Fax: 0674-2396889, 2391629, https://omcltd.in
CIN: U13100OR1956SGC000313

OMC | ODISHA NEW OPPORTUNITIES — Mining Happiness

No. 6560/OMC/ 2022
Date: 23/04/2022

NOTICE

Pursuant to the Advertisement No. 65/OMC dated 04.01.2022 and Computer Based Test (CBT) conducted on 17.03.2022 for the post of Jr. Accountant, the Computer Proficiency Test (CPT) will be conducted on 30.04.2022 in respect of the provisionally shortlisted candidates (The list is available on OMC Website). Please visit OMC website (https://omcltd.in) for details regarding Computer Proficiency Test (CPT) centre, test duration, reporting time etc. The sample question pattern for the Computer Proficiency Test (CPT), Letter of Undertaking for using Scribe/ Reader and Additional Instructions for Scribe/ Reader along with Self Declaration by the scribe/ Reader (for use of the PwD candidates opting for use of Scribe/ Reader) are available in OMC website (https://omcltd.in) for reference.

Sd./- GENERAL MANAGER (P&A)

# ୧୪୪ ଗାଁ ଲୋକେ ପିଇବେ ସ୍ୱଚ୍ଛ ପାଣି

**ବାଲିଆପାଳ, ୨୩।୪(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବିଜେଡ଼ି ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ଏବଂ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଶୁକ୍ରବାର ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର କୁଦମାନସି ଗ୍ରାମରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ମେଗା ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆରଡବ୍ଲ୍ୟୁଏସ୍‌ଏସ୍‌ର ଅଧୀକ୍ଷଣ ଯନ୍ତ୍ରୀ ସମୀର ଦେ, ଏସ୍‌ଡିଓ ଶେଷନାଗ ପ୍ରଧାନଙ୍କ ସହିତ ବମ୍ବେର ଠିକାଦାର ବ୍ଲୁ ଷ୍ଟାର କମ୍ପାନୀ ଅଧିକାରୀମାନଙ୍କଠାରୁ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ବିଧାୟକ ସାହୁ ଏବଂ ଇଂ. ଜେନା ପଚାରି ବୁଝିଥିଲେ।


ମେଗା ଜଳ ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ କରାଯାଉଛି।

୧୮ରୁ ୨୪ମାସ ଭିତରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପରେ ବାଲିଆପାଳ ବ୍ଲକର ୧୪୪ ଗାଁଲୋକେ ଆରୋଗ୍ୟଯୁକ୍ତ ପାଣି ପିଇବେ ବୋଲି ଇଂ. ଜେନା କହିଥିଲେ। ଏହି ପ୍ରକଳ୍ପ ୧୭୨ କୋଟି ଟଙ୍କାରେ ଶେଷ କରିବା ଲାଗି ନିର୍ମାଣ ସଂସ୍ଥା ବ୍ଲୁ ଷ୍ଟାର ସରକାରଙ୍କ ସହିତ ଚୁକ୍ତି କରିଥିବା ସୂଚନା ମିଳିଛି।

**ବାଲିଆପାଳ ମେଗା ଜଳପ୍ରକଳ୍ପ ସ୍ଥିତି ଅନୁଧ୍ୟାନ**

ଏହି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହେଲେ ବାଲିଆପାଳ ବ୍ଲକର ୨୧ ପଞ୍ଚାୟତ ୧୪୪ ଗ୍ରାମର ବାସିନ୍ଦା ଉପକୃତ ହେବେ। ବାଲିଆପାଳ ବ୍ଲକ ସଭାପତି ଗୋବିନ୍ଦ ଦାସ, ବଳରାମ ସାହୁ, ହେମନ୍ତ ଦାସ, ଶାନ୍ତନୁ ଭଦ୍ର, ସୌମ୍ୟଦୀପ ଚକ୍ରବର୍ତ୍ତୀ, ରବୀନ୍ଦ୍ର ନାଥ ଅଣ୍ଡାଆ, ଲମ୍ବୋଧର ମାହାନା, ପ୍ରତାପ ପାତ୍ରଙ୍କ ସହିତ ବହୁ ବିଜେଡ଼ି ନେତୃବୃନ୍ଦ ଉପସ୍ଥିତ ଥିଲେ।

CORRIGENDUM
No. L-23
(As per Pre-Bid Clarifications Soughted)
DIRECTORATE OF AGRICULTURE AND FOOD PRODUCTION, ODISHA
SUBMISSION OF BID FOR REQUEST FOR PROPOSAL PUBLISHED ON DATED: 05.04.2022
Selection of Outsourcing Agency for "Outsourcing Identified Static Soil Testing Laboratories" in the Districts under the Director of Agriculture and Food Production, Odisha

1. EMD is exempted for all bidders but a bid security declaration should accompany the application.
2. The turnover criteria is exempted for Start ups.
3. The quoting of professional fees by the bidder is dropped.
4. In Section 2 (at Page No. 21): Failure on bidder's part to furnish the deliverables as per the agreed time line will enforce a penalty @ 1% per week subject to maximum of 3% of the total contract value.
5. In Section 4 (Page 37) contract value more than Rs.5.00 Crore each and duration more than 1 year each may be read as contract value more than Rs.5.00 Crore and duration more than 1 year in Tech A-5.

Sd./- Director of Agriculture and Food Production, Odisha
OIPR-01034/11/0003/2223

